କଟକର ଡେପୁଟୀ କଲେକ୍ଟର ଗ୍ରନ୍ଥକାରଙ୍କ ନିକଟରେ ଓ ଉତ୍କଳ ଦୀପିକା କାର୍ଯ୍ୟାଳୟରେ ପ୍ରାପ୍ତବ୍ୟ ।

## TENDER.

Is invited for the construction of masonry building for the Kendraparah High School.

Iron joists and T irons are to be used instead of Sal beams and burgas.

The work will be taken up early in next month.

Particulars of rate &c. to be tendered before the 1st of January next.

Kendraparah
The 15th
Decr. 98.
Jamiludin Mohemad,
*Head Master.*

## NOTICE.

The Oriya Arithmetic by Mrs. J. B. RAE can be had on application to MISS H. K. LEIGH Cuttack and THE REVD. GEORGE HAMBER B. A. Balasore.

## ନୂତନ ପୁସ୍ତକ ।

### ଶ୍ରୀମଦ୍ ଭଗବଦ୍ ଗୀତା ।

( ନୂତନ ସଂସ୍କରଣ )

ମୂଳଠାରୁ ଅଧିକ ଟୀକା ସନ୍ନିବେଶ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଦୂଇଟଙ୍କା ଆଠଅଣା । ଡାକମାସୁଲ ଦୁଇ ଖଣ୍ଡକୁ ଦୁଇପଇସା ।

## NOTICE.

Calling for tenders for the Construction of maid servants' quarters at Madhupur Garh on the Madhupur Ward's Estate.

The Estimated cost of the building is Rs. 4300. Plans and quantities and estimate can be seen at the District Engineers office Cuttack Collectorate—during office hours

The general specification for work in the Orissa circle will be in force.

Tenders to be on Form No 2 which as well as the conditions of contract can be seen in the District Engineers office.

Tenders to be submitted to the Collector accompanied by the prescribed earnest money ( Rs. 200. ) before the end of December 1898.

The Collector does not bind himself to accept the lowest or any tender.

Cuttack.
16-12-98
*District Engineer.*

## WANTED

A 2nd clerk for Puri Police office for six months on Rs. 25 a month. Candidates must write a good hand and have passed the Entrance Examination.

Dated Puri
Police office
9—12—98.
J. W. PATTEN,
*Distt. Supdt. of Police.*

## NOTICE.

Wanted for the District Board's Temporary Work's Establishment for employment under the Kendrapara Local Board an experienced Sub-Overseer on a salary of Rs. 25 per mensem with travelling allowance to be considered hereafter. A good man would find permanent employment. None need apply who does not possess a thorough knowledge of surveying, levelling, and road making &c.; with English qualifications, as required under Rule 2 (2) *a* and *b*. and Rule 4 published under Government notification dated 18th February 1892. Application with copies of testimonials will be received by the undersigned on or before the 27 instant.

Kendrapara
Local Board office
9th Decr. 1898.
*Chairman Local Board*

ଶ୍ରୀଯୁକ୍ତ ଶାରଦାଚରଣଙ୍କର ଅନୁବାଦିତ ଗ୍ରନ୍ଥ ।

## ମହାଭାରତ ।

ଏହା ଓଡ଼ିଆଭାଷିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଲଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତଦୋଧିକ ଅତଏବ ପୂର୍ବଶପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ହସ୍ତକ୍ଷେପ ହୋଇଅଛନ୍ତି ଅତେବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ

ଏହା ଅତିଶୟ ବୃହତ୍ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁଲଭ ମୂଲ୍ୟର ତିନି ଲକ୍ଷ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ୱାତନ୍ତ୍ର୍ୟରେ ଦିଆ ଯିବ । ଗ୍ରାହକଗଣଙ୍କ ସୁବିଧା ନିମନ୍ତେ ଏକ ଏକ ପର୍ବ ବିକ୍ରୟ ହେବ । କର୍ମଣ୍ୟ ଲବ୍ଧ କଲେ ମୂଲ୍ୟ ବିଷୟ କାହାରିକ ବାଧ୍ୟ ନାହିଁ । ବର୍ତ୍ତମାନ ସଭାପର୍ବ, ଶଲ୍ୟ, ଗଦା, ଡାଇଁକିଆ, ଶାନ୍ତି ଓ ନାରୀପର୍ବ, ଅଶ୍ୱମିକ ଓ ଅଶ୍ୱମେଧ ପର୍ବ ମୂଷଲୀ ଓ ସ୍ୱର୍ଗାରୋହଣ ପର୍ବ, ସ୍ୱର୍ଗପର୍ବ ଛପା ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ॰ ।√ | ଡାକମାସୁଲ | ଟ ॰୧୬ |
| ଶଲ୍ୟପର୍ବ | ଟ ॰ ⟋ | " | ଟ ॰୧୬ |
| ଗଦାପର୍ବ | ଟ ॰ । | ଡାକମାସୁଲ | ଟ ॰୧୬ |
| ଡାଇଁକିଆପର୍ବ | ଟ ॰ ।⟋ | " | ଟ ॰୧୬ |
| ନାରୀ ଓ ଶାନ୍ତିପର୍ବ | ଟ ॰ ⟋ | " | ଟ ॰୧୬ |
| ଅଶ୍ୱମିକ ପର୍ବ ଓ ଅଶ୍ୱମେଧ ପର୍ବ | ଟ ॰ ୳ | " | ଟ ॰୧୬ |
| ମୂଷଲୀ ପର୍ବ | ଟ ॰ ।√ | " | ଟ ॰୧୬ |
| ସ୍ୱର୍ଗାରୋହଣ ପର୍ବ | ଟ ॰ । | " | ଟ ॰୧୬ |
| ସ୍ୱର୍ଗପର୍ବ | ଟ ୧ । | " | ଟ ॰୬ |

ଉଦ୍ୟୋଗ ଓ ଦ୍ରୋଣପର୍ବ ଶୀଘ୍ର ଛପାଯିବ !

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED No. 618.

407

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୩୩ ଗ } ତା ୨୪ ଦିଶ ମାହେ ଡିସେମ୍ବର ସନ ୧୮୯୮ ମସିହା । ମୁ । ସନ ୧୧ ର ପୌଷ ୨୦ ... ସାଲ ଶନିବାର । { ଅଗ୍ରିମ ଟଂ ୩ / ପଶ୍ଚାଦେୟ ,, ୬

ସଂ ୫୦ ସଂଖ୍ୟା

## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନୀଙ୍କର

### ନୂତନ ପଞ୍ଜିକା ।

ଖ୍ରୀଷ୍ଟାବ୍ଦ ୧୮୬୧ ଉତ୍କଳୀୟଶକାବ୍ଦ ୧୩୦୬ ୧୩୦୭ ଇଂରାଜୀ ସନ ୧୮୯୯ ଏବଂ ସନ ୧୯୦୦ ଶ୍ରୀ ମୁକୁନ୍ଦଦେବ ମହାରାଜାଙ୍କର ଅ ୨୨।୨୩ ଙ୍କ ନିମନ୍ତେ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ବଡ଼ପାଞ୍ଜିର ମୂଲ୍ୟ ଟ ୦। ଡାକମାସୁଲ ଟ ୦ /

ଛୋଟପାଞ୍ଜିର ମୂଲ୍ୟ ଟ ୦୯୬ ,, ଟ ୦୯୬

---

ଆମ୍ଭମାନଙ୍କର ନୂତନ ବଡ଼ଲାଟ ଲର୍ଡ଼ କର୍ଜନ ମହୋଦୟ ଚଳନମାସ ତା ୩୦ ରଖରେ ବୋମ୍ବାଇଠାରେ ପହୁଞ୍ଚିବେ । ସେଠାରେ ତାଙ୍କୁ ଅଭ୍ୟର୍ଥନା କରିବାର ପ୍ରଭୂତ ଆୟୋଜନ ହେଉଅଛି । ବୋମ୍ବାଇର ଗବର୍ଣ୍ଣର ଲର୍ଡ଼ ସାଣ୍ଡହର୍ଷ୍ଟ ମହୋଦୟ ସେଠାରେ ବଡ଼ଲାଟଙ୍କୁ ଭୋଜ ଦେବାର ଯୋଗାଡ଼ କରୁଅଛନ୍ତି ।

---

ଏ ନଗରରେ ଯେଉଁ ନ ୨୨ ମ୍ବର ପଲଟନ ଥିଲେ, ସେମାନଙ୍କର ନାଗପୁରକୁ ବଦଳି ହୋଇଅଛି ଏବଂ ବରହମପୁରରୁ ନ ୧୬ ମ୍ବର ପଲଟନ ଏଠାକୁ ଆସି ଗତ ଗୁରୁବାର ପହୁଞ୍ଚିଅଛନ୍ତି । ନ ୨୨ ମ୍ବର ପଲଟନର ସୁବେଦାର ପ୍ରଭୃତି ଉଚ୍ଚ ପଦସ୍ଥ କର୍ମଚାରୀମାନେ ଅତ୍ୟନ୍ତ ମିଷ୍ଟାଳାପୀ ଥିବାରୁ ନଗରବାସୀମାନେ ସେମାନଙ୍କ ବ୍ୟବହାରରେ ସନ୍ତୁଷ୍ଟ ଥିଲେ ।

---

ଗତ ତା ୧୫ ରଖ ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଭଣ୍ଡାର ଗୃହରୁ ସ୍ୱର୍ଣ୍ଣନିର୍ମିତ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁଦର୍ଶନ ଚକ୍ର ଚୋରି ଯାଇଅଛି । ଅତୀବ ଆଶ୍ଚର୍ଯ୍ୟର ବିଷୟ ଯେ ଏହି ବର୍ଷ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମସ୍ତକର ସୁବର୍ଣ୍ଣ ସନ୍ଧିରେଖାର କେତେକ ଅଂଶ ଓ ଲକ୍ଷ୍ମୀ ଦେବୀଙ୍କ ସୁବର୍ଣ୍ଣ ଖଣ୍ଡିଏ ଚୋରି ଯାଇଥିଲା । ଏ ସମ୍ପତ୍ତି ସର୍ବ ସାଧାରଣଙ୍କର ଅଟେ । ଏଥିର ସୁବନ୍ଦୋବସ୍ତ ପକ୍ଷେ ନୂତନ ମେନେଜର ଓ ସର୍ବସାଧାରଣ ଯତ୍ନବାନ୍ ହେଉନ୍ତୁ । ନ ହେଲେ ହିନ୍ଦୁଧର୍ମ ପକ୍ଷେ ଅଧିକ ଅସୁବିଧା ଘଟିବାର ସମ୍ଭାବନା ।

---

ପଶ୍ଚିମ ସୀମାନ୍ତ ପ୍ରଦେଶରୁ ଯେଉଁ ସମ୍ବାଦ ମିଳିଅଛି ତାହା ଶାନ୍ତିଜନକ ଅଟେ । ପାଗଲ ଫକୀରଧାରିର ନବାବଙ୍କ କର୍ତ୍ତୃକ ଅ ୨ ର ପରାଜିତ ହୋଇ ପଳାୟନ କରୁଅଛି । ସେ ବର୍ତ୍ତମାନ କେଉଁଠାରେ ଅଛି ତହିଁର କୌଣସି ସମ୍ବାଦ ମିଳୁ ନାହିଁ । ଅଫ୍ରିଦିଙ୍କ ମଧ୍ୟରୁ କୁକିଖେଲଙ୍କ ପ୍ରଧାନ ମାନଙ୍କ ଆମିରଙ୍କ ମନ୍ତ୍ରଣାରେ ପଡ଼ିଅଛନ୍ତି । ଏହାଙ୍କର ଅଫ୍ରିଦିଙ୍କ ଉପରେ ବିଶେଷ ବଳ ଥିବାରୁ ସେମାନେ ଶାନ୍ତ ହେବାର ଯେ ଆଶା ଥିଲା ତାଙ୍କ ମୃତ୍ୟୁଦ୍ୱାରା ତାହା କଥଞ୍ଚିତ୍‌ ପରିମାଣ ଭଙ୍ଗ ପଡ଼ିବାର ଅନୁମାନ ହୁଅଇ ।

---

ଆସନ୍ତା ମଙ୍ଗଳବାର ପୂର୍ଣ୍ଣିମା ରାତ୍ରରେ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହେବ । ରାତ୍ର ଦ ୨୫ ଣ୍ଡରୁ ପ୍ରାୟ ଘ ୩ ଘା ୨୭ ମିନିଟଠାରେ ଆରମ୍ଭ ବା ସ୍ପର୍ଶ ହୋଇ ପ୍ରାୟ ଘ ୫।୧୦ ସମୟରେ ଚନ୍ଦ୍ରମଣ୍ଡଳକୁ ସମ୍ପୂର୍ଣ୍ଣ ଗ୍ରାସ କରିବ ଏବଂ ପ୍ରାୟ ୬।୨ ମିନିଟ ଚନ୍ଦ୍ରମଣ୍ଡଳ ଅଦୃଶ୍ୟ ରହିବ । ସୁତରାଂ ଆକାଶରୁ ଗ୍ରହିଅଙ୍ଗ ଗ୍ରାସ କରିବ । ତହିଁପରଠାରୁ ଘଡ଼ିବାର ଆରମ୍ଭ ହୋଇ ଅରଦିନ ସକାଳ ଘ ୭।୧୩ ମିନିଟରେ ସର୍ବମୋକ୍ଷ ହେବ । ହିନ୍ଦୁ ବ୍ୟବସ୍ଥାମତେ ଠିକ ସନ୍ଧ୍ୟାବେଳୁ ହାଣ୍ଡି ଖିଭ ହେବା ଏବଂ ଗ୍ରସ୍ତାସ୍ତ ହେବୁ ଅରଦିନ ଚନ୍ଦ୍ର ଦର୍ଶନ ପର୍ଯ୍ୟନ୍ତ ଅନ୍ନଭୋଜନ ହେବ ନାହିଁ ।

---

ଗୋଦାବରୀ ଜିଲ୍ଲା ସମେତ ସେ ଜିଲ୍ଲାର ସରକାରୀ ନାଳ ସମ୍ବନ୍ଧରେ ଖଣ୍ଡିଏ ପୁସ୍ତିକା ଆବେଦନ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ପ୍ରଦାନ କରିବାର ଗଞ୍ଜାମ ନ୍ୟୁଜରେ ପାଠ କଲୁ । ଭୂମି ଆବାଦ ନିମନ୍ତେ ନାଳଜଳ ପ୍ରୟୋଜନମତେ ପାଇବା ଏବଂ ଜଳକର ଧାର୍ଯ୍ୟ ଏବଂ ଆଦାୟ ବିଷୟରେ ଯେ ସମସ୍ତ ଅସୁବିଧା ଓ ଅତ୍ୟାଚାର କଥା ତହିଁରେ ଲେଖା ଅଛି ସେ ସବୁ ଅନେକ ପରିମାଣରେ ଓଡ଼ିଶା ନାଳ ପକ୍ଷ ଘଟଇ । ସେ

Digitized by srujanika@gmail.com

Split by PDF Splitter



ସବୁ ନିବାରଣର ନିମନ୍ତେ ଗୋଟିଏ ଉତ୍ତମ ପ୍ରସ୍ତାବ ସୃଷ୍ଟି କରିଅଛନ୍ତି । ଭରସା କରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ତାହାଁକୁ ସ୍ୱୀକାର କରିବେ ।

---

ଅହମଦ ନଗରରେ ଏକ ଦଳ ଡକାଏତ ଅଛନ୍ତି ଯେ ସେମାନେ କୌଣସି ମତେ ଧରାପଡୁ ନାହାନ୍ତି । ଅଳ୍ପଦିନ ହେଲା ଜଣେ ଦେଶୀୟ ପୁଲିସ ଇନ୍‌ସ୍ପେକ୍ଟର ୨୫ ଜଣ ଅଶ୍ୱାରୋହୀ ପୁଲିସ ଘେନି ଏକ ପାହାଡ଼ ନିକଟରେ ସେମାନଙ୍କୁ ଆକ୍ରମଣ କରି ପାହାଡ଼ର ଉନ୍ନତ ଦିଗରୁ ଗୁଳି ବୃଷ୍ଟି କଲେ ମାତ୍ର ଡକାଏତମାନଙ୍କ ରହିବା ସ୍ଥାନକୁ ଗୁଳି ପହୁଞ୍ଚି ପାରିଲା ନାହିଁ । ଡକାଏତମାନେ ମଧ୍ୟ ଅବଶ୍ରାନ୍ତ ଗୁଳି ଫାୟାର କଲେ । ସେମାନଙ୍କ ହାତରେ ପ୍ରଚୁର ବାରୁଦ ଓ ଗୁଳି ଥିବାର ଜଣାଯାଏ । ଇନ୍‌ସ୍ପେକ୍ଟର ମଧ୍ୟ ଗୁଳି ମାରିବାର ସୁଯୋଗ ନ ପାଇ ଫେରି ଆସିଅଛନ୍ତି ।

---

ଆମ୍ଭମାନଙ୍କର ଭାବି ବଡ଼ଲାଟ ଲର୍ଡ କର୍ଜନ ମହୋଦୟ ଭାରତ ଛାଡ଼ି ଯିବା ପୂର୍ବରେ ସେଠାରେ ୨୫୦୦୦ ମାଇଲ ରେଲବାଟ ହୋଇଥିବାର ଦେଖି ଯିବା ମର୍ମରେ ବିଲାତରେ ବକ୍ତୃତା କରିଥିବା ବିଷୟ ପାଠକମାନଙ୍କୁ ଜଣାଇଅଛୁ । ବର୍ତ୍ତମାନ ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ଗତ ମାର୍ଚ୍ଚମାସ ତା ୩୧ ରାତ୍ରରେ ଭାରତବର୍ଷରେ ସର୍ବସୁଦ୍ଧା ୨୧୧୫୬ ମାଇଲ ରେଲବାଟ ଥିଲା ଏବଂ ଇତି ମଧ୍ୟରେ ଅନେକ ରେଲବାଟ ନିର୍ମିତ ହୋଇ ମାଇଲମାନ ଯାତାୟାତ କରୁଅଛି । ଆଗାମୀ ମାର୍ଚ୍ଚମାସ ଶେଷ ସୁଦ୍ଧା ୨୨୦୦୦ ମାଇଲ ରେଲବାଟ ଖୋଲା ହୋଇଥିବ । ଗତ ମାର୍ଚ୍ଚମାସ ତା ୩୧ ରାତ୍ର ସୁଦ୍ଧା ସର୍ବସୁଦ୍ଧା ୪୨୯୮ ମାଇଲ ରେଲବାଟ ନିର୍ମିତ ହେବାର ପ୍ରସ୍ତାବ ହୋଇଥିଲା ସୁତରାଂ ବଡ଼ଲାଟ ବାହାଦୂର ନୂତନ କୌଣସି ପ୍ରସ୍ତାବ ନ କରି ବର୍ତ୍ତମାନର ପ୍ରସ୍ତାବକୁ ଚଳାଇ ଦେଲେ ଅଚିରେ ୨୫୦୦୦ ମାଇଲ ରେଲବାଟ ନିର୍ମିତ ହୋଇ ଯିବ । ଏଣୁ ଲାଟ ମହୋଦୟଙ୍କ ଉକ୍ତି କଥାରେ ବିଶେଷ କିଛି ଲାଭ ହେବାର ଦେଖା ଯାଉ ନାହିଁ ।

---

ବମ୍ବେଇ ପ୍ରଦେଶାନ୍ତର୍ଗତ କାଠିୟାବାଡ଼ ମାହାଲର ପ୍ରଧାନ ନଗର ରାଜକୋଟରେ ଗୋଟିଏ ରାସାୟନିକ ପରୀକ୍ଷାଗାର ସ୍ଥାପିତ ହୋଇଅଛି । ଏହାର ନାମ ଲକ୍ଷ୍ମଣ ନେରାମ କେମିକାଲ ଲେବରେଟୋରୀ ଅଟେ । ଗତମାସ ତା ୨୯ ରିଖରେ ବମ୍ବେଇର ଗବର୍ଣ୍ଣର ସେଠାକୁ 'ବସନ୍ତ'ମାନ ହୋଇ ତହିଁର ପ୍ରତିଷ୍ଠା କାର୍ଯ୍ୟ ନିର୍ବାହ କଲେ । ସେଥି ନିମନ୍ତେ ଯେଉଁ ଗୃହ ନିର୍ମିତ ହୋଇଅଛି ତହିଁର ବ୍ୟୟ ୩୦୦୦୦ ଟଙ୍କା ଶ୍ରୀଯୁକ୍ତ ଅଗମଲକ୍ଷ୍ମଣ ବାଲ୍ୟଦାନ କରିଅଛନ୍ତି । ଦେଶୀୟ ଚିକିତ୍ସାର ଉନ୍ନତି ସାଧନ କରିବା ଭାରତୀୟ ମୂଲ୍ୟବାନ ଔଷଧମାନ ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କୁ ଜଣାଇ ଦେବା ଏବଂ କେଉଁ୨ ଦେଶୀୟ ଜଡ଼ିଦ ପାଶ୍ଚାତ୍ୟ ଚିକିତ୍ସାର ବିଶେଷ ଉପଯୋଗୀ ତାହା ସ୍ଥିର କରିବା ଏହି ପରୀକ୍ଷାଗାରର ଉଦ୍ଦେଶ୍ୟ ଅଟେ । ଏ ପରେ ରସାୟନ, ଏବଂ ସ୍ୱାସ୍ଥ୍ୟବିଜ୍ଞାନର ପରୀକ୍ଷା ମଧ୍ୟ ହେବ ଏବଂ ବମ୍ବେଇବାସୀ ଶ୍ରୀଯୁକ୍ତ ନେମସେଟ ଜି, ଏନ, ତାହାଙ୍କର କର୍ତ୍ତା ପ୍ରସ୍ତୁତ ଅଟେ ଏବଂ କାଠିଆବାଡର ଦରବାର ଏହି ପରୀକ୍ଷାଗାରର ବ୍ୟୟ ନିର୍ବାହର ଭାର ଗ୍ରହଣ କରି ସ୍ୱଦେଶର ଗୋଟିଏ ଏମନ୍ତ ଉନ୍ନତି ସାଧନରେ ଅଛନ୍ତି ଯଦ୍ୱାରା ସମସ୍ତ ଭାରତର ଚିକିତ୍ସାର ଉପକାର ହେବ ଏବଂ ଦେଶୀୟ ମୂଲମୂଳକାର ଗୁଣ ବିଦେଶୀୟମାନେ ଜାଣିପାରି ଦେଶୀୟ ଚିକିତ୍ସା ପ୍ରତି ଅଧିକ ଆସ୍ଥା କରିବେ ।

---

ସେଦିନ ଏ ନଗରର ଦରବାରରେ ମାନ୍ୟବର ବଙ୍ଗେଶ୍ୱର ପ୍ରକାଶ କଲେ ଯେ ଏବର୍ଷ ଓଡ଼ିଶାରେ ଉତ୍କୃଷ୍ଟ ( excellent ) ଫସଲ ହୋଇଅଛି । ମାନ୍ୟବର ମହୋଦୟ ତହିଁ ପୂର୍ବ ସମ୍ପୂର୍ଣ୍ଣ ଦ ୨ ନ ଏଠାରେ ବାସ କରି ବଡ ସାନ ସରକାରୀ କର୍ମଚାରୀଠାରୁ ସ୍ୱଜା ଜମିଦାର ମହାଜନ ପର୍ଯ୍ୟନ୍ତ ଅନେକ ଲୋକଙ୍କ ନାନା ଶ୍ରେଣୀର ଭଦ୍ରଲୋକଙ୍କଠାରୁ ଦେଶର ଅବସ୍ଥା ଅବଗତ ହେଲା ଉତ୍ତାରୁ କେଉଁ ପ୍ରମାଣ ଉପରେ ନିର୍ଭର କରି ସେପରି କଥା କହିଲେ ତାହା ପ୍ରକାଶ ନ ହେବାରୁ ଲୋକେ ବଡ ବ୍ୟସ୍ତରେ ପଡ଼ିଅଛନ୍ତି । ଆମ୍ଭେମାନେ ପୂର୍ବରୁ କହୁଅଛୁ ଏବଂ ବର୍ତ୍ତମାନ ସୁଦ୍ଧା କହୁଅଛୁ ଯେ ଏ ବର୍ଷର ଧାନ ଫସଲ ମୋଟରେ ବାରପଣ ସୁଦ୍ଧା ହୋଇ ନାହିଁ । ପ୍ରକୃତରେ ତହିଁରୁ ଊଣା ଅଟେ ଏମନ୍ତ ଏ ବାରହାର ଦଶପଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାରୀ ଗଣନା ଅନୁସାରେ ଫସଲ ଆଠପଣରୁ ଊଣା ହେଲେ ଅକାଳକଷ୍ଟର ସମ୍ଭାବନା ହେବରୁ ତାହାକୁ ଅଧମ ଫସଲ ବୋଲିଯିବ । ସୁତରାଂ ତାହା ହେଲେ ବାର ବା ଷୋଳପଣ ପର୍ଯ୍ୟନ୍ତ ମଧ୍ୟମ ଏବଂ ତହିଁରୁ ଅଧିକ ହେଲେ ଉତ୍ତମ ବୋଲଯିବ । ଅତଏବ ଏ ବର୍ଷର ଫସଲ ମଧ୍ୟମ ବିନା କୌଣସି ମତେ ଉତ୍ତମ ନୁହେ । ସମ୍ଭବତଃ ବର୍ତ୍ତମାନ ଧାନ ଗଛମାନର ଭାବ ନରମ ଦେଖି ମାନ୍ୟବର ମହୋଦୟ ଅଥବା ତାହାଙ୍କ ପରାମର୍ଶଦାତାଙ୍କର ଭ୍ରମ ହୋଇଅଛି । ମାତ୍ର ଗଛ ନରମ ହେବାର କାରଣ ପ୍ରୟୋଜନ ହେବା ଫସଲର ଉତ୍କୃଷ୍ଟତା ନୁହେ । ବଙ୍ଗଳା ଏବଂ ଅନ୍ୟାନ୍ୟ ଦେଶରେ ଭଲ ଫସଲ ହେବାରୁ ଓଡ଼ିଶାର ଚାଉଳ ବର୍ତ୍ତମାନ କେହି ନେଉ ନାହାନ୍ତି ।

---

ବମ୍ବେଇ ପ୍ରଦେଶର ପୁଲିସ ବିରୁଦ୍ଧରେ ଗୋଟିଏ ସଙ୍ଗୀନ ମୋକଦ୍ଦମା ଉପସ୍ଥିତ ହୋଇଅଛି । ଗୋଟିଏ ପୁନାସହରରେ ଏବଂ ଗୋଟିଏ ସତାରାସହରରେ ଘଟିଅଛି । ପୁନା ମୋକଦ୍ଦମାର ବିବରଣ ଏହି ଯେ ଜଣକୁ ପୁନା ବୋଲି ଠକାଇଦେବାର ନାଲିସ ଏକଜଣ ପୁଲିସରେ କରି ଆସାମିକୁ ଚଲାଇଦେବାରୁ ପୁଲିସର ଜମାଦାର ରାଗରେ ଏକ ଗୋଇଠା ମାରନ୍ତେ ଆସାମି ମଲା । ସେ ବ୍ୟକ୍ତି କେତେଦିନରୁ ପୀଡ଼ିତ ଥିବା ଏବଂ ସଭରପାଙ୍କରେ ମରି ପଡ଼ିଥିବାର ରିପୋର୍ଟ ସଙ୍ଗେ ଜମାଦାର ଲାସକୁ ଡାକ୍ତରଙ୍କ ନିକଟକୁ ପଠାଇଦେଲେ ଏବଂ ଦୁଇଜଣ ଶିକ୍ଷିତ ସାକ୍ଷୀ ସେହିପରି ଯୋବାନବନ୍ଦି ଦେବାରୁ ଡାକ୍ତରର ଲାସକୁ ଡାକ୍ତରୀ ପରୀକ୍ଷାକୁ ପଠାଇବାର ଆବଶ୍ୟକ ନ ବୁଝି ପୋଡ଼ିଦେବାର ଆଦେଶ ଦେଲେ । ଆସାମିର ଭାର୍ଯ୍ୟା ପୁଲିସ କମିସନରଙ୍କ ନିକଟରେ ଅବେଦନ କରିବାରୁ ସେ ସ୍ୱୟଂ ତଦନ୍ତ କରି ପ୍ରକୃତ ଘଟଣାର ପ୍ରମାଣ ପାଇ ଜମାଦାରକୁ ନରହତ୍ୟା ମିଥ୍ୟାଦ ଅଭିଯୋଗରେ ଚଲାଣ ଦେଇଅଛନ୍ତି । ଅନ୍ୟ ମୋକଦ୍ଦମାରେ ପୁଲିସ ଟଙ୍କା ଖାଇ ପ୍ରକୃତ ଆସାମିକୁ ଛାଡ଼ିଦେଇ ବ ୧୩।୧୬ ବର୍ଷର ଗୋଟିଏ ପିଲାକୁ ଚଲାଣ ଦେଲା ପୁଲିସର ଶିକ୍ଷାମତେ ଆସାମି ଏକରାର କଲା ଏବଂ ସାକ୍ଷୀମାନେ ଯୋବାନବନ୍ଦି ଦେଲେ । ଦଉରାସେସନରେ ପିଲାଟି କହିଲା ଯେ ସେ ନିର୍ଦ୍ଦୋଷୀ ପ୍ରକୃତ ଆସାମି ଦୁଇଜଣର ନାମ କହି ପୁଲିସ ଉପରଲିଖିତ ମତେ ସେମାନଙ୍କୁ ଛାଡ଼ିଦେବାର ବ୍ୟକ୍ତ କଲା ମାତ୍ର ଅଦାଲତ ତହିଁରେ ବିଶ୍ୱାସ ନ କରି ଫାସିର ଆଦେଶ ଦେଲେ ଏବଂ ହାଇକୋର୍ଟରୁ ମଞ୍ଜୁର ହେଲା । ପିଲାଟି ଜେଲଖାନାରେ ଖିଆପିଆ ଛାଡ଼ିଦବା ସତ୍ତ୍ୱେ କାନ୍ଦିବାରୁ ଜେଲ କର୍ମଚାରୀମାନେ ତାହାଠାରୁ ପ୍ରକୃତ କଥା ଅବଗତ ହୋଇ ଗବର୍ଣ୍ଣ-

Digitized by srujanika@gmail.com

ମେଣ୍ଟଙ୍କୁ ରିପୋର୍ଟ କଲେ। ତହୁଁ ଫାସିଦଣ୍ଡ ସ୍ଥଗିତ ହୋଇ ତଦନ୍ତ ହେବାରେ ବମ୍ବେଇର ବିଖ୍ୟାତ ଡିଷ୍ଟ୍ରିକ୍ଟଅଫିସର ବ୍ରୁସ ସାହେବ ସରଜମିନରେ ଅନୁସନ୍ଧାନ କରିବାରେ ପ୍ରକାଶ ପାଇଲା ଯେ ମୃତ ବ୍ୟକ୍ତି ତାହାର ଏକଭାଇ ଏବଂ ଅନ୍ୟ ଏକ ବ୍ୟକ୍ତି ହାଙ୍ଗୋଗ୍ରାମରେ ଫାଶି ପକାଇଥିଲା ଏବଂ ସେ ଦୈବାତ୍ ଖର୍ଣ୍ଣେବୁଷରେ ଥାଇ ତାହା ଦେଖିଥିଲା। ପ୍ରଥମତଦାରିକକର୍ତ୍ତା ଡିଷ୍ଟ୍ରିକ୍ଟ ଫୁଲିଶନ ସସପେଣ୍ଡ ହୋଇଅଛି। ଉକ୍ତ ମୋକଦ୍ଦମା ବର୍ତ୍ତମାନ ଅଦ୍ୟ ବିଚାରାଧୀନରେ ଅଛି। ସୁତରାଂ ବର୍ତ୍ତମାନ ଆଉ କିଛି କହି ନ ପାରୁ।

## ଜାଲ ଦସ୍ତାବିଜ।

ଦସ୍ତାବିଜ ଜାଲ କରିବା ମଫସଲରେ ଗରିବ ଲୋକମାନଙ୍କୁ ଘବଡ଼ କରିବାର ଗୋଟିଏ ଉପାୟ। ଦୁଃଖର ବିଷୟ ଯେ ତାହା କ୍ୱଚିତ ଧରାପଡ଼େ ଏବଂ ଧରା ପଡିଲେ ମଧ୍ୟ ଜାଲିଆ ଦଣ୍ଡ ପାଇବ କଠିନ ହୁଏ କାରଣ ଜାଲ ଅପରାଧ ପ୍ରମାଣ କରିବା ସହଜ ନୁହେଁ। ଗତ ବୁଧବାର ଶ୍ରୀଯୁକ୍ତ ଜଜ ସାହେବ ଖୁର୍ଦ୍ଦାଜଣ ଲୋକଙ୍କୁ ଜାଲ ଅପରାଧରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଦେଇଅଛନ୍ତି। ସେମାନଙ୍କ ମଧ୍ୟରୁ ଗଜନଫର ହୋସେନ ଏଠା କାଲେକ୍ଟରୀ ମାହାଫେଜଖାନାର ଜଣେ ମୋହରର ଏବଂ ଆଉ ଜଣେ ତାଙ୍କର ବନ୍ଧୁ ସବୋଦରର ମୁଜଫର ହୋସେନ ସେହି କଚେରୀର ଜଣେ କିରାଣି। ଗୋଟିଏ ଦାଖଲ ଖାରଜ ମୋକଦ୍ଦମାରେ ସେମାନଙ୍କ ପକ୍ଷରୁ ଖଣ୍ଡେ କବାଲା ଦାଖଲ ହୋଇଥିଲା। ଉକ୍ତ କବାଲା ସନ ୧୮୯୬ ସାଲରେ ଲେଖା ହୋଇଥିବାର ତାରିଖ ପଡିଥିଲା। ପ୍ରତିପକ୍ଷ ଉକ୍ତ କବାଲାକୁ ଜାଲ ଦସ୍ତାବିଜ ବୋଲି କହିବାରୁ ତହିରେ ତଦନ୍ତ ହେଲା ଏବଂ ତଦନ୍ତରେ ଜଣା ଗଲା ଯେ ଯେଉଁ ଷ୍ଟାମ୍ପରେ କବାଲା ଲେଖା ହୋଇଥିଲା ତାହା ସନ ୧୮୯୭ ସାଲରେ ଛାପା ହୋଇଥିଲା। ପ୍ରତ୍ୟେକ ଷ୍ଟାମ୍ପ କାଗଜରେ କୌଣସି ଗୁପ୍ତ ସ୍ଥାନରେ ତହିର ଛାପାର ତାରିଖ ଥାଏ, ଏହା ଅନେକ ଲୋକ ଏହି ମୋକଦ୍ଦମାର ବିଚାର ସମୟରେ ଜାଣି ପାରିଲେ। ଶ୍ରୀଯୁକ୍ତ ଜଜ ସାହେବ ଗଜନଫର ହୋସେନକୁ ୩ ବର୍ଷ ମିଆଦ ଓ ଟ ୫୦୦୧ ଟଙ୍କା ଅର୍ଥଦଣ୍ଡ, ମୁଜାଫର ହୋସେନକୁ ଦୁଇବର୍ଷ ମିଆଦ ଓ ଟ ୨୦୦୧ ଟଙ୍କା ଅର୍ଥଦଣ୍ଡ ଓ ଅନ୍ୟ ଦୁଇ ଜଣଙ୍କୁ ବର୍ଷେଲେଖାଏଁ ମିଆଦ ଦେଇଅଛନ୍ତି। ଯେପରି କର୍ମ, ସେହିପରି ଫଳ।

## ବନ୍ଦୋବସ୍ତ କାଗଜ।

ପୂର୍ବ ବନ୍ଦୋବସ୍ତରେ ପ୍ରତ୍ୟେକ ଜମିଦାରଙ୍କୁ ତାହାର ଜମିଦାରୀର ଅନ୍ତର୍ଗତ ପ୍ରତ୍ୟେକ ମହାଲର ଜରିବ ଖତିଆନ ଓ ଖସ୍ରା ଇତ୍ୟାଦି କାଗଜମାନ ସରକାରରୁ ମିଳିଥିଲା, ଖତିଆନରେ ପ୍ରତ୍ୟେକ ବ୍ୟକ୍ତିର ଦଖଲୀ ଜୋତରେ ଥିବା ପ୍ରତ୍ୟେକ ପ୍ରକାର ଜମିର ଦୀର୍ଘ ପ୍ରସ୍ଥ ପରିମାଣ ଦେଶୀୟ ପଦକାରେ ଯେଉଁ ଦଗରୁ ଯେଉଁ ଦଗକୁ ପଦକା ପଡିଥିଲା, କିଆର ବା ଡିହର ସଂଖ୍ୟା, ସୀମାଚିହ୍ନ, ତହିଁରେ ଥିବା ବୃକ୍ଷାଦିର ନାମ ଓ ସଂଖ୍ୟା, ବେଡ଼ା ଗୁହ୍ମର ଦଣ୍ଡା ପ୍ରଭୃତି ଏତେ ବିସ୍ତାରିତ ବିବରଣ ଥିଲା ଯେ ତଦ୍ୱାରା କୌଣସି ଖଣ୍ଡ ଜମି ନିଃସନ୍ଦେହରୂପେ ଚିହ୍ନିତ ହେଉଥିଲା ଏବଂ ଜମି ସଂକ୍ରାନ୍ତ ବିବାଦ ଅତି ସହଜରେ ମୀମାଂସିତ ହେଉଥିଲା। ସେହି ଖତିଆନର ଶୁଦ୍ଧତା ପ୍ରତି ଅଦ୍ୟାପି ଜନସାଧାରଣଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି। ନୂତନ ବନ୍ଦୋବସ୍ତରେ ଜଞ୍ଜିର ମାପ ପ୍ରଚଳିତ ହେଲେହେଁ ପ୍ରଥମେ ନିୟମ ହୋଇଥିଲା ଯେ ନୂତନ ଜରିବ ନମ୍ବର ସଙ୍ଗେ ପୁରୁଣା ଖତିଆନର ନମ୍ବର ଦେଖାଇ ଲେଖିବାକୁ ହେବ, ଯେବେ ତାହା ହୋଇଥାନ୍ତା ତେବେ ଜମି ଚିହ୍ନିବାର କିଛି କଷ୍ଟ ହୁଅନ୍ତା ନାହିଁ। ମାତ୍ର ଖରଚ ଭୟରେ ସରକାର ସେ ପ୍ରସ୍ତାବ ଉଠାଇଦେଇ ଖତିଆନ ଏବଂ ଖସ୍ରାଣ ଏକତ୍ର କରି ଖତିୟାନ ନାମରେ ଏକ କାଗଜ ଓ ନକ୍ସା ଜମିଦାରଙ୍କୁ ଦେଇଅଛନ୍ତି। ଏହି ଖତିୟାନରେ ପ୍ରତ୍ୟେକ ପ୍ରକାର ଜମିର ପରିମାଣ ଏବଂ ଚୌହଦ ଲେଖା ଅଛି। ମାତ୍ର ଦୀର୍ଘ ପ୍ରସ୍ଥ ଦଗ ଇତ୍ୟାଦି କିଛି ଲେଖା ନ ଥିବାରୁ ତହିଁରୁ କୌଣସି ଜମି ଚିହ୍ନିତ କରିବା ପରିମାଣର ଶୁଦ୍ଧତା ସ୍ଥିର କରିବା ଅସମ୍ଭବ ହୋଇଅଛି। କେବଳ ସରକାରଙ୍କ ଘରେ ଅର୍ଥାତ୍ ବନ୍ଦୋବସ୍ତ ମହକୁମାରେ ଯେଉଁ ମୌଜାବାର ନକ୍ସା ଅଛି ତହିଁରେ ପ୍ରତ୍ୟେକ ଖଣ୍ଡ ଜମିର ନମ୍ବର ଲେଖା ଥିବାରୁ ତାହାର ଜମି ଚିହ୍ନିତ କରିବାର ଏକମାତ୍ର ଉପାୟ ଅଛି। ଦୁର୍ଭାଗ୍ୟବଶତଃ ସେ ମାନଚିତ୍ର ବା ନକ୍ସା ପ୍ରକୃତିରୂପେ ବ୍ୟବହାର କରିବାକୁ ଅଧିକାଂଶ ଜମିଦାର ଅଥବା ସେମାନଙ୍କର ଗୁମାସ୍ତା ପ୍ରଭୃତି ଜାଣନ୍ତି ଏବଂ ଯଦ୍ୟପି ବା ସ୍ୱୀକାର କରାଯାଏ ଯେ କାଳେ ସେମାନେ ନକ୍ସାର ବ୍ୟବହାର ଶିକ୍ଷା କରି ପାରିବେ ତଥାପି ତହିଁର ନକଲ ଜମିଦାରମାନଙ୍କୁ ଦିଆ ଯାଇ ନାହିଁ ବରଂ ନିୟମ ହୋଇଅଛି ଯେ ସେ ନକ୍ସା ସ୍ତମ୍ଭ କାଗଜ ମଧ୍ୟରେ ଗଣ୍ୟ ହେବ ନାହିଁ। ସେହି ନକ୍ସା ବିନା ଜମିଦାରୀର କାର୍ଯ୍ୟ ନିର୍ବାହ ହେବା ଅସମ୍ଭବ। କାରଣ ଜମି ସମ୍ବନ୍ଧୀୟ ବିବାଦ ସ୍ଥଳେ ପ୍ରଜାଙ୍କୁ ଦାଏଲ କରିବାର ଉପାୟାନ୍ତର ନାହିଁ ଏବଂ ସେ ନକ୍ସାର ନକଲ ମଧ୍ୟ ଅତ୍ୟନ୍ତ ବ୍ୟୟସାଧ୍ୟ ଓ ବହୁ ସମୟ ସାପେକ୍ଷ ତଥା ତହିଁରେ ଭ୍ରମ ରହିଯିବା ଆଶ୍ଚର୍ଯ୍ୟ ନୁହେଁ। ଅତଏବ ବାଲେଶ୍ୱର ଜାଗାଯ ସଭା ବଙ୍ଗେଶ୍ୱରଙ୍କ ନିକଟକୁ ଏକ ଆବେଦନପତ୍ର ପଠାଇ ଉପରଲିଖିତ ଅସୁବିଧାମାନ ଦର୍ଶାଇ ପ୍ରାର୍ଥନା କରିଅଛନ୍ତି କି ସରକାର କୌଣସି ସହଜ ଉପାୟଦ୍ୱାରା ମୌଜାବାର ନକ୍ସାର ପ୍ରତିଲିପିମାନ ପ୍ରସ୍ତୁତ କରାଇ ଦେଉନ୍ତୁ ଯେମନ୍ତ କି ଅଳ୍ପ ମୂଲ୍ୟରେ ସେ ସବୁ ବିକ୍ରୟ ହୋଇ ପାରିବ ଏବଂ ଜମିଦାରମାନଙ୍କୁ ବିନା ବ୍ୟୟରେ ସେ ସବୁ ନ ଦିଆ ଗଲେ ଅନ୍ତତଃ ସେମାନେ କ୍ରୟ କରି ନେବାକୁ ବିଶେଷ ଉତ୍କଣ୍ଠିତ ହେବେ ନାହିଁ। ସଭାର ଏହି ପ୍ରାର୍ଥନା ଯେ ନିତାନ୍ତ ଯୁକ୍ତିସଙ୍ଗତ ଏଥିରେ ଦ୍ୱିରୁକ୍ତି ନାହିଁ ଏବଂ ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ ଗବର୍ଣ୍ଣମେଣ୍ଟ ସଦୟ ହୋଇ ଏହି ନ୍ୟାୟସଙ୍ଗତ ପ୍ରାର୍ଥନା ଗ୍ରହଣ ପୂର୍ବକ ଆବଶ୍ୟକୀୟ ଆଦେଶ ପ୍ରଦାନ କରିବେ। ଏ ସ୍ଥଳେ ବୋଲିବା ଆବଶ୍ୟକ ଯେ ଅନ୍ୟାନ୍ୟ ଜିଲ୍ଲାରେ ଜମିଦାରମାନେ ଏହିପରି ଆବେଦନପତ୍ରମାନ ପଠାଇଲେ ବାଲେଶ୍ୱର ଜମିଦାରମାନଙ୍କର ପ୍ରାର୍ଥନାର ପୋଷକତା ହେବ। କାର୍ଯ୍ୟଦ୍ୱାରା ଦେଖା ଯାଉଅଛି ଯେ ବାଲେଶ୍ୱରର ଜମିଦାରମାନେ ବନ୍ଦୋବସ୍ତ ସଂକ୍ରାନ୍ତ ନାନା ଅସୁବିଧା ଦେଖାଇବା ଏବଂ ପ୍ରତିକାର ଚେଷ୍ଟା କରିବାରେ ଯେମନ୍ତ ତତ୍ପର ଓଡ଼ିଶାର ଅନ୍ୟ କୌଣସି ଜିଲ୍ଲାର ଜମିଦାରମାନେ ସେପରି ନୁହନ୍ତି। ଏ ପ୍ରକାର ବିଷୟରେ ପରସ୍ପରକୁ ସାହାଯ୍ୟ ଦେବା ଏକାନ୍ତ ବାଞ୍ଛନୀୟ।

## ଘେଣ୍ଟଲଟ କି କରିଗଲେ ?

ସଦରରୁ ମୋଫସଲ ପର୍ଯ୍ୟନ୍ତ ଅନେକ ଲୋକ ଏହି ପ୍ରଶ୍ନ କରୁଅଛନ୍ତି। ପ୍ରତ୍ୟେକ ପ୍ରଶ୍ନକାରୀଙ୍କୁ ଉତ୍ତର ଦେବା ନିତାନ୍ତ ଅସୁବିଧା। ବାସ୍ତବରେ ଯେଉଁମାନେ ଏ ପତ୍ରିକାରେ ପ୍ରକାଶିତ ମାନ୍ୟବର ଘେଣ୍ଟଲଟ ସରଜନ ଉତ୍ତରକଙ୍କର ଓଡ଼ିଶାଭ୍ରମଣ ବୃତ୍ତାନ୍ତ ମନୋଯୋଗ ପୂର୍ବକ ପଢ଼ିଅଛନ୍ତି ସେମାନଙ୍କୁ ଉତ୍ତର ଦେବାର ପ୍ରୟୋଜନ ନାହିଁ। ମାନ୍ୟବର ମହୋଦୟ ସ୍ୱୟଂ ଏ ନଗରରେ ପ୍ରବେଶ ହେବାମାତ୍ରେ ଅଭ୍ୟର୍ଥନା

ସ୍ଥଳରେ ପ୍ରକାଶ କରୁଅଛନ୍ତି କି ତାହାଙ୍କ ଶାସିତ ରାଜ୍ୟ ଖଣ୍ଡର ପ୍ରତ୍ୟେକ ଜିଲ୍ଲାର ଲୋକମାନଙ୍କ ସଙ୍ଗେ ସେ ଜିଲ୍ଲାର ପ୍ରଧାନ ପ୍ରସଙ୍ଗମାନ କଥୋପକଥନଦ୍ୱାରା ସ୍ଥିର କରିବା ଏବଂ ନାନା ଶ୍ରେଣୀର ଭଦ୍ରଲୋକଙ୍କ ସହିତ ଆପଣା ପରିଚୟ କରିବା ତାହାଙ୍କର ଭ୍ରମଣର ଅଭିପ୍ରାୟ ଏବଂ ସେହି ଉଦ୍ଦେଶ୍ୟରେ ସେ ଓଡ଼ିଶାକୁ ଆସିଅଛନ୍ତି । କେହି କହିପାରନ୍ତି ଯେ ଅନ୍ତତଃ ଗତ ବିଂଶ ମଧ୍ୟରେ ଯେତେ ଲେଫ୍ଟେନାଣ୍ଟ ବଙ୍ଗଳାର ଗଦିରେ ବସିଅଛନ୍ତି ପ୍ରାୟ ସମସ୍ତେ ଥରେ ହେଲେ ଓଡ଼ିଶାକୁ ଆସିଥିବା ସ୍ଥଳେ ସରଜନ ଉଡବର୍ନଙ୍କ ଶୁଭାଗମନରେ ଅଧିକ କି ହେଲା ? ଏଥିକୁ ଅମ୍ଭମାନଙ୍କ ବିବେଚନାରେ ଏହାଙ୍କର ଆଗମନର ବିଶେଷତ୍ୱ ଏହି କି ଅନ୍ୟାନ୍ୟ ଲେଫ୍ଟନାଣ୍ଟମାନେ ପ୍ରାୟ କେହି ଶାସନଭାର ଗ୍ରହଣର ପ୍ରଥମ ବର୍ଷରେ ଓଡ଼ିଶାକୁ ଆସି ନ ଥିଲେ । ସରଜନ ମହୋଦୟ ପ୍ରଥମରୁ ଏ ପ୍ରଦେଶର ଅବସ୍ଥା ଦେଖି ଏବଂ ଲୋକଙ୍କ ସହିତ ଆଳାପ ପରିଚୟ କରିଯିବା ଅତ୍ୟନ୍ତ ଆଶାପ୍ରଦ ଅଟେ । ବିଶେଷତଃ ଯେ ଯେରୂପ ଉଦାର ଭାବରେ ନାନା ଶ୍ରେଣୀର ଲୋକଙ୍କ ସହିତ ଆଳାପ ପରିଚୟ କରିଅଛନ୍ତି ଏବଂ ପ୍ରତ୍ୟେକ ସ୍ଥଳେ ଆପଣା ସରଳ ଓ ସହାନୁଭୂତି ପୂର୍ଣ୍ଣ ହୃଦୟର ପରିଚୟ ଦେଇଅଛନ୍ତି ତାହା ସ୍ମରଣ କଲେ ତାହାର ବିଶ୍ୱାସ ନ ହେବ ଯେ ସେ ଅଳ୍ପ ଦିନରୁ ଅମ୍ଭମାନଙ୍କୁ ଭୁଲି ଯାଇ ପାରିବେ ନାହିଁ ଏବଂ ଯେତେବେଳେ ଅଛି ପ୍ରସଙ୍ଗ ତାହାଙ୍କ ନିକଟରେ ଉପସ୍ଥିତ ହେବ ଏ ଦେଶର ମଙ୍ଗଳପ୍ରତି ଦୃଷ୍ଟି ରଖି ତହିଁର ମୀମାଂସା କରିବେ । ସେ ଓଡ଼ିଶାକୁ ଆସି କି କଲେ ତହିଁର ଉତ୍ତର ଏହି କି ସେ ଆପଣାର ପରିଚୟ ଦେଇଗଲେ ଏବଂ ଅମ୍ଭମାନଙ୍କର ପରିଚୟ ନେଇଗଲେ । ପରନ୍ତୁ ତାହା ଠିକ୍ ହେବ ଯେ ପ୍ରଥମ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ ଏବଂ ଆଦ୍ୟରୁ ତାହା କରି ମାନ୍ୟବର ମହୋଦୟ ଆପଣା କର୍ତ୍ତବ୍ୟପରାୟଣତାର ସୁନ୍ଦର ପରିଚୟ ଦେଇଅଛନ୍ତି । ସେ ଯେ ବାହ୍ୟାଡମ୍ବର ପ୍ରିୟ ନୁହନ୍ତି ଏବଂ ଅନ୍ୟଠାରେ ତାହା ଦେଖିବାକୁ ଖୁସି ପାନ୍ତି ନାହିଁ ତହିଁର ପରିଚୟ ଏହି କି କେହି ତାହାଙ୍କ ନାମରେ ଛାତ୍ରବୃତ୍ତି ପ୍ରଭୃତି ସ୍ଥାପନ ନିମନ୍ତେ ବିଶେଷ ପରିମାଣ ଅର୍ଥ ଉତ୍ସର୍ଗ କରିବାର ଇଚ୍ଛା ପ୍ରକାଶ କରନ୍ତେ ସେ କହିଲେ କି ଯାହାର ଯେତେ ଇଚ୍ଛା ସ୍ୱଦେଶର ହିତ ନିମନ୍ତେ ଦାନ କରନ୍ତୁ ମାତ୍ର ତାହାଙ୍କର ନାମ ସହିତ ସଙ୍ଗେ ଯୋଗ କରିବାର ଅନୁମତି ଦେବାକୁ ସେ ସମ୍ମତ ହେବେ ନାହିଁ । ଅନ୍ୟାନ୍ୟ ପ୍ରକାରରେ କେହି ଅନ୍ତରିକ୍ତ ସେବା ହେବାର ଶୁଣି ମଧ୍ୟ ସେ ସନ୍ତୋଷ ନ ହୋଇ ବରଂ ଅସନ୍ତୋଷ ଭାବ ପ୍ରକାଶ କରିଅଛନ୍ତି । ଫଳତଃ ଯେଉଁ ଦିନରୁ ବଙ୍ଗର ମାନ୍ୟବର ସରଜନ ଉଡବର୍ନ ଓଡ଼ିଶାବାସିଙ୍କର ଅଶେଷ ଭକ୍ତି ଏବଂ ଶ୍ରଦ୍ଧାର ପାତ୍ର ହୋଇଅଛନ୍ତି ଏଥିରେ ଭ୍ରାନ୍ତି ନାହିଁ । ତାହାଙ୍କର ସ୍ୱଭାବ ଓ ଗୁଣ ଦେଖି ଅମ୍ଭେମାନେ କେବଳ ଭବିଷ୍ୟତ ମଙ୍ଗଳର ଆଶା କରୁଅଛୁ ଏପରି ନୁହେ । ସେ ପ୍ରଥମ ଦର୍ଶନ ହେବା ସଙ୍ଗେ ଭୁବନେଶ୍ୱରର ପ୍ରାଚୀନ କୀର୍ତ୍ତି ରକ୍ଷା କରିବାର ଗୋଟିଏ ବନ୍ଦୋବସ୍ତ କରିଦେଇ ଏ ଦେଶର ଗୋଟିଏ ମହଦୁପକାର କରିଅଛନ୍ତି । ଏହା ତାହାଙ୍କର ଶୁଭାଗମନର ପ୍ରତ୍ୟକ୍ଷ ଫଳ ଅଟେ । ଅମ୍ଭେମାନେ ଏକାନ୍ତ ଆଶା କରୁଁ ସେ ସପରିବାରେ ସୁଖ ସ୍ୱଚ୍ଛନ୍ଦରେ ଆପଣାର ଗୁରୁଭାର କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତୁ ଏବଂ ତାହାଙ୍କ ଆମଳରେ ପ୍ରଜାଙ୍କର କ୍ରମଶଃ ଉନ୍ନତି ହେଉ ।

---

## ଲେଫ୍ଟେନାଣ୍ଟ ବାହାଦୂରଙ୍କ ପୁରୀ ପରିଦର୍ଶନ ।

ମହାମାନ୍ୟ ଲେଫ୍ଟେନାଣ୍ଟ ବାହାଦୂରଙ୍କ ଶୁଭାଗମନାର୍ଥ ମିଉନିସିପାଲିଟି ଓ ଡିଷ୍ଟ୍ରିକ୍ଟ ବୋର୍ଡ ଭାଇସ୍ ଚେୟାରମ୍ୟାନ ବାବୁମାନଙ୍କ ଯତ୍ନରେ ରେଲଷ୍ଟେସନଠାରେ ଓ କମିଶନର ସାହେବଙ୍କ କୋଠିଠାରେ ଫାଟକ ଦ୍ୱୟ ତୋରଣ ହୋଇ ଏତଦୁଭୟ ସ୍ଥାନରେ ନୀଳ ଓ ଲାଲ ରଙ୍ଗର ପତାକା ଓ ପତ୍ରମାଳା ସୁଶୋଭିତ ହୋଇଥିଲା ଏବଂ ରେଲଷ୍ଟେସନଠାରେ ଗୋଟିଏ ସୁନ୍ଦର ସଭାମଣ୍ଡପ ନିର୍ମାଣ ହୋଇଥିଲା ।

ତା ୧୦ ଖ ଶନିବାର ଅପରାହ୍ନ ପ୍ରାୟ ଘ ୪ ଟା ସମୟରେ ସାହେବ ମହୋଦୟ ରେଲ ଯୋଗେ ଷ୍ଟେସନଠାରେ ବିଜୟମାନ ହୋଇ ଉପସ୍ଥିତ ମାନ୍ୟବ୍ୟକ୍ତିମାନଙ୍କ ସହିତ କରମର୍ଦ୍ଦନ ଓ ମିଷ୍ଟାଳାପ ଏବଂ ମିଉନିସିପାଲିଟି ଓ ଡିଷ୍ଟ୍ରିକ୍ଟ ବୋର୍ଡର ଅଭିନନ୍ଦନପତ୍ର ଗ୍ରହଣ କରି ପ୍ରାୟ ଘ ୫। ଟା ସମୟରେ କମିଶନର କୋଠିରେ ବିଜୟମାନ ହେଲେ । ଅଳ୍ପକ୍ଷଣ ପରେ କଚେରୀମାନ ପରିଦର୍ଶନାର୍ଥ ବିଜୟମାନ ହୋଇ ପ୍ରଥମେ କଲେକ୍ଟରୀ ମହାଫେଜଖାନାରେ ବହୁକାଳର ପୁସ୍ତକ ନଥି ଦେଖି ଅକର୍ମଣ୍ୟ କାଗଜମାନ ନଷ୍ଟ କରି ଦେବା ଉଚିତ ଥିବା ପ୍ରକାଶ କରି ସମସ୍ତ କଚେରୀ ଦେଖିବା ପରେ ପୋଲିସ ଅଫିସର ସ୍କୁଲ ପରୀକ୍ଷା ଦେଖି ଅତୀବ ସନ୍ତୁଷ୍ଟ ହେଲେ । ପରେ ମିଃ ପାଲିଟ୍ ଙ୍କ କଚେରୀ ଦେଖି ହସ୍ତୀ ଯାନରେ ସମୁଦ୍ର ଉପକୂଳ ଭ୍ରମଣ କରି କୋଠିକୁ ପ୍ରତ୍ୟାଗମନ କଲେ ।

ରବିବାର ତା ୧୧ ଖ ପୂର୍ବାହ୍ନ ଘ ୭॥ ଟା ସମୟରେ ହସ୍ତିପୃଷ୍ଠାସୀନ ହୋଇ ମନ୍ଦିର ଚତୁଃପାର୍ଶ୍ୱ ଓ ପଞ୍ଚତୀର୍ଥ, ହାସପିଟାଲ, ଜେଲଖାନା, ସ୍ୱର୍ଗଦ୍ୱାର ଓ ବଡ଼ଦାଣ୍ଡର କେତେକ ପ୍ରଧାନ ଲଜିଂ ହାଉସ ପରିଦର୍ଶନ କରି କୋଠିକୁ ଗମନ କଲେ । ସ୍ୱର୍ଗଦ୍ୱାରରେ ଯିବା ସମୟରେ ବାଲିଆ ଅଞ୍ଚଳ ଲୋକମାନେ ସ୍କୁଲ ଓ ଟାଉନ୍ସପ୍ରତି ଉଦ୍ଧାର ବିଷୟର ପ୍ରାର୍ଥନା ମୌଖିକ ଲୋକମାନଙ୍କଦ୍ୱାରା ପ୍ରକାଶ କଲେ । ସେ ବିଷୟ ମଧ୍ୟ ଅଫିସିଆଲମାନଙ୍କୁ ବୁଝାଇ ଦେଲେ ।

ତା ୧୨ ଖ ସୋମବାର ପ୍ରାତଃକାଳରେ ଏମ୍, ଏସ୍, ଗାଇଡ୍ ନାମକ ପୋତାରୋହଣରେ କଲିକତା ଅଭିମୁଖେ ପ୍ରସ୍ଥାନ କଲେ ।

ପୁରୀ ଜିଲ୍ଲାକୁ ଲେଫ୍ଟେନାଣ୍ଟଙ୍କ ଆଗମନ ଦିନଠାରୁ ଏ ପର୍ଯ୍ୟନ୍ତ ମିଷ୍ଟଭାଷୀ, ପ୍ରଚଳନସ୍ତାର ପ୍ରଦାତେ ସନ୍ତୁଷ୍ଟ ସଂଯୁକ୍ତ ଉଡ୍ବର୍ନ ସାହେବ ବାହାଦୂରଙ୍କ ତୁଲ୍ୟ ଲାଟ ଆସି ନ ଥିଲେ । ସାହେବ ମହୋଦୟ ସାଧାରଣ ଗଣ୍ୟବ୍ୟକ୍ତିମାନଙ୍କ ସହିତ ମିଷ୍ଟାଳାପ କରି ନ ପାରିବାରୁ ଦୁଃଖିତ ହେଲେ । ତାହାର ବନ୍ଦୋବସ୍ତ ପୂର୍ବରୁ ହେବାର ଉଚିତ ଥିଲା ।

ସମୁଦ୍ର କୂଳରେ ପରିଭ୍ରମଣ ଉପରେ ବିଜୟମାନ ହେବା ସକାଶେ ଥିବା ସମୟରେ କେତେକ ଜଗନ୍ନାଥଙ୍କ ସେବକ ମାନ ଓ ମହାପ୍ରସାଦ ଉପଢ଼ୌକନ ଦେଇ କହିଲେ କି "ସାହେବ ଦେଶୀ-ଯାତ୍ରୀଙ୍କ ଅଭାବରେ ମରିଗଲୁ । [illegible], ସ୍ନାନଲେ ଇତ୍ୟାଦି, ବାଟକ୍ଲର ଖାଲି ଓ ଲବଣାକ୍ତ ଅବଜବାଧା ନିବାରଣ ପ୍ରଭୃତି ହେଉ ନାହିଁ । ମରଗଲୁଁ" ଏହିପରି ଆର୍ତ୍ତନାଦ ଶ୍ରବଣେ ପ୍ରଶଂସିତ ମହୋଦୟ ଦୟାପୂର୍ଣ୍ଣ ଭାବରେ ଅଶ୍ରୁ କଲେ କି ତପଢି ଏ କଥା ଅମ୍ଭଙ୍କ ପୂର୍ବରୁ କ ଜଣାଇଲ ? ସେଥିପାଇଁ ଦେଶବାସୀ ସାଧାରଣ ସଙ୍କଳ୍ପ ନ କଲ ? ବର୍ତ୍ତମାନ ଲେଖ କରିପାର ନ ପାରେ । ଏଥିର ବହୁତ ଆଦେଶ ପରେ ପ୍ରକାଶ ହେବ ।

ସାଧାରଣ ଦେଶବାସିଙ୍କ ଅଭିପ୍ରାୟ ଯେ ମାନ୍ୟବର ସାହେବ ବାହାଦୁର, ଦୀନ ଦୁଃଖୀ ପ୍ରଜାଙ୍କ ଶାରୀରିକ ଓ ମାନସିକ ଉପକାରୀ ଦେଶୀ ଗଙ୍ଗାର କେବଳ ପୁଷ୍କରିଣୀ ସହାୟେ ଖୋଳ କରିଦେଲେ ଚିରକାଳକୁ ଅକ୍ଷୟ କୀର୍ତ୍ତିମାନ ହେବେ ।

Digitized by srujanika@gmail.com

ରେଲ ଷ୍ଟେସନ୍‌ଠାରେ ବର୍ତ୍ତମାନ ହେବା ସମୟରେ ମାଙ୍କଡ଼ ମାରିବା ବିବାଦ ସମ୍ବନ୍ଧୀୟ କଥା ବାର ବାର ଲୋକମାନଙ୍କ ପଚାରିଲେ, ଏବଂ ସ୍ୱୟଂ କୌଣସି ସମୟେ ତାଙ୍କର କୌତୁହଳ ଯୋଗେ ଗୋଟିଏ ବାନର ବୃକ୍ଷାଗ୍ର ମାତ୍ର ମାଡ଼ି ଅପେକ୍ଷା ବହୁତର ମାନଙ୍କ ଦୃଷ୍ଟିଗୋଚର ହଉଥିବା ପ୍ରକାଶ କରୁ ଅଙ୍କ ପ୍ରଦାନ କଲେ ବି ଯେ ଯାଉଛି ଯେପରି ବନ୍ଦୋବସ୍ତରେ ମାଙ୍କଡ଼ ଧରିବୋଲ୍ ବନରେ ଛଡ଼ା ଯାଉଥିଲ, ସେହିପରି ଏମାନଙ୍କ ତ ମାତ୍ର ବନରେ ଛାଡ଼ିଦେଲେ ଭଲ ହୁଅନ୍ତା ।

ତାହା ଶୁଣି ଦେଶବାସୀ ଅତ୍ୟନ୍ତ ଆନନ୍ଦିତ ହେଲେ । ବାସ୍ତ ଅଣ୍ଡୁ ଓ ଗୃହର ଉପେକ୍ଷା ମାଙ୍କଡ଼ମାନଙ୍କ ଦୌରାତ୍ମ୍ୟ ଅଧିକ । ତାହା ଶୀଘ୍ର ଯେପରି ନିବାରଣ ହୁଏ ତାହାର ବହୁତ ଉପାୟାବଲମ୍ବନାର୍ଥ ଅବଲମ୍ବେ ପ୍ରବୃତ୍ତ ହେଉ । ଲଡ

ଶ୍ରୀ ବେଦବ୍ୟାସ ଚାନ୍ଦ ସର୍ଦ୍ଦାରଙ୍କ ଅଲଙ୍ଗ ଓଡ଼ିଶାରେ ନାଶ ନ ହେବା ପକ୍ଷେ ଓଡ଼ିଶାର ଶ୍ରୀମାନେ ଅଭ ଅର୍ଦ୍ଧର ସହିତ ପ୍ରାର୍ଥନା କରୁଅଛନ୍ତି ଅଣା କରନ୍ତି ଯେ ଏପରି ଦସ୍ୟୁ ଓ ଉଦ୍ଭବକେତକ ଲାଟଙ୍କ ଶାସନରେ ଏଥିର ଶୁଭ ଜଗୃତ ନ ହେଲେ ଦେଶର ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି ମଣିବାକୁ ହେବ ।

---

ସନ ୧୮୯୮ ସାଲର ଅପରପ୍ରାଇମେରୀ ସ୍କୁଲ ସମୂହର ବୃତ୍ତିପ୍ରାପ୍ତ ଛାତ୍ରମାନଙ୍କର ବିବରଣ ।

| ନମ୍ବର | ଛାତ୍ରମାନଙ୍କ ନାମ | କେଉଁ ସ୍କୁଲରୁ ଉତ୍ତୀର୍ଣ୍ଣ । | କେଉଁ ସ୍କୁଲରେ ପଢ଼ିବେ । |
|---|---|---|---|
| | କଟକ ଜିଲ୍ଲା । | | |
| ୧ | ସେଖ ଗୋଲାମ ଗାଉସ | ଦେଉଳ | କଟକ ଟାଉନ |
| ୨ | ଲୁଳମଣି ମହାନ୍ତି | ପାଟପୁର | ଅସୁରେଶ୍ୱର |
| ୩ | ଶ୍ରୀମୁଣୀ ତହବିଲ | ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟ | ରେଭେନ୍ସା ବାଳିକା ବିଦ୍ୟାଳୟ |
| ୪ | ବାସୁଦେବ ଦାସ | ବାରଦା | କଟକ ଟାଉନ |
| ୫ | ମାଗୁଣି ତ୍ରିପାଠୀ | କଲସ୍ୱାଙ୍ଗ | ରଘୁନାଥପୁର |
| ୬ | ଗୋବିନ୍ଦ ନନ୍ଦ | ବୈରି | ଚଣ୍ଡୀହଟା |
| | ପୁରୀ ଜିଲ୍ଲା । | | |
| ୧ | ଶଙ୍କର ମିଶ୍ର | ସମଶରପୁର | ଡେଲାଙ୍ଗ |
| ୨ | ବନମାଳି ମହାନ୍ତି | ଶାସନପୁର | ହରଚଣ୍ଡୀସାହି |
| ୩ | ବାଞ୍ଛାନିଧି ଖେଟସ୍ୱୟ | ବେଣ୍ଟପୁର | କଟକ ଟାଉନ |
| ୪ | ପରଶୁରାମ ମହାନ୍ତି | ମାଲୁଦ | ପାଣ୍ଡୁଲୁଦ |
| | ବାଲେଶ୍ୱର ଜିଲ୍ଲା । | | |
| ୧ | ପଦ୍ମଲୋଚନ ଦେ | ଶାହାପୁର | ଦେହୁଡ଼ା |
| ୨ | ବର୍ଦ୍ଧନ ପାଣିଗ୍ରାହୀ | ଲୁଦେଶ୍ୱ | ବୋଲସାହି |
| ୩ | ରମାନାଥ ଜେନା | ନାଞ୍ଚୋ | ଦେହୁଡ଼ା |
| ୪ | ଲାଙ୍ଗୁଳି ସାହୁ | ଭୂମାଇପୁର | ବୋଲସାହି |
| | ଅନୁଗୁଳ ଜିଲ୍ଲା । | | |
| ୧ | ଜଗବନ୍ଧୁ ସାହୁ | ଛେଣ୍ଡିପଦା | ଅନୁଗୁଳ |
| ୨ | କୃତ୍ତିବାସ ଗଡ଼ନାୟକ | କୋଶଲା | " |
| ୩ | ଯଜ୍ଞେଶ୍ୱର ନାୟକ | ଦୁଲପଡ଼ା | ବଣ୍ଟିପଡ଼ା |
| ୪ | ବିଦ୍ୟାଧର ସାହୁ | ଖଜୁରିପଡ଼ା | " |
| ୫ | ଗଣପତି ପ୍ରଧାନ | କେଲାପଡ଼ା | " |
| ୬ | ବାଲୁକେଶ୍ୱର ପାତ୍ର | ରଥାଙ୍ଗ | " |
| ୭ | ଧନୁର୍ଦ୍ଧର ନାୟକ | ଖଜୁରିପଡ଼ା | " |
| | ଗଡ଼ଜାତ । | | |
| ୧ | ରଘୁନାଥ ଭଣ୍ଡ | ରାଇରଙ୍ଗପୁର-ମୟୂରଭଞ୍ଜ | ଭୁଆସୁଣୀ |
| ୨ | ବୈଦ୍ୟନାଥ ଦାସ | ଅଦ୍ଦପୁର-ଢେଙ୍କାନାଳ | ଢେଙ୍କାନାଳ |
| ୩ | ଆନନ୍ଦ ରଥ | କାନପୁର-ନରସିଂହପୁର | ନରସିଂହପୁର |
| ୪ | ମଧୁସୂଦନ ମହାପାତ୍ର | ବଳଭଦ୍ରପୁର-ଢେଙ୍କାନାଳ | ଢେଙ୍କାନାଳ |
| ୫ | କୃଷ୍ଣଚରଣ ମହାପାତ୍ର | ଭଣ୍ଡାରିପୁର-ନୀଳଗିରି | ବାଲିଖଣ୍ଡ |
| ୬ | ବାବୁରାମ ସାହୁ | ଅଯୋଧ୍ୟା-ନୀଳଗିରି | ନୀଳଗିରି |
| ୭ | ମାଧବ ବେହେରା | ସଠିଲୋ-ମୟୂରଭଞ୍ଜ | ସାଲଗାଁ |

Cuttack, The 16th Decr 1898. — R. N. Rai, *Inspector of Schools, Orissa Circle.*

---

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ଶ୍ରୀ ରାମ ଚନ୍ଦ୍ର ବୋଷ ମା ୩ ସର ଛୁଟି ଗ୍ରହଣ କରୁଅଛନ୍ତି ।

ଛୁଟି ଭୂତ ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ଭଗବାନ ମୂର୍ତ୍ତି ଜନାଜପୁରର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ପୁରୀର ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ଜଗତଚନ୍ଦ୍ର ସିଂହ ଏକବର୍ଷର ସର୍ଦ୍ଦୋ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱରର ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ଶଶିଭୂଷଣ ଦତ୍ତ ପୁରୀ ସଦର ମହକୁମାକୁ ବଦଳି ହୋଇଅଛନ୍ତି ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମି: ଏ: ଏଚ, ଡି, ରାଇଟସେ ବାଲେଶ୍ୱରରେ ଅବସ୍ଥାପିତ ହେଲେ ।

ଅ: ଇନ୍‌ସ୍‌ପେକ୍ଟର ବାବୁ ମଧୁସୂଦନ ସେନ ଗୁପ୍ତ ବ୍ରାହ୍ମଣୀ ବୈତରଣୀ ବିଭାଗକୁ ଅସ୍ଥାୟୀ ଭାବରେ ବଦଳି ହୋଇଅଛନ୍ତି ।

କଟକରେ କଲେଜିଏଟ ସ୍କୁଲର ଅତିରିକ୍ତ ୨ୟ ଶିକ୍ଷକ ମୌଲବୀ ଓଲିଉଲା ୧୮୯୯ ସାଲର ଜାନୁୟାରି ତା ୧ ଠାରୁ ଏହି କାର୍ଯ୍ୟରେ ବାହାଲ ହେଲେ ଓ ଅଞ୍ଚଳ ଦେଉଠାରୁ ବିଶେଷ ଶିକ୍ଷାବିଭାଗର ୫ମ ଶ୍ରେଣୀକୁ ଉନ୍ନତ କଲେ ।

ଗତ ସେପ୍ଟେମ୍ବରମାସ ତା ୧୭ ରିଖ ଓ ତତ୍ପର ଦିବସମାନରେ ହାଇକୋର୍ଟରେ ଯେଉଁ ଅନୁବାଦକ କାର୍ଯ୍ୟ ନିମନ୍ତେ ଯେଉଁ ପରୀକ୍ଷା ହୋଇଥିଲା ଇହ ପରୀକ୍ଷାର ଫଳ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଓଡ଼ିଆ ଭାଷାରେ ଯେଉଁମାନେ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ଯେଉଁମାନେ ପରୀକ୍ଷୋତ୍ତୀର୍ଣ୍ଣ ହୋଇଅଛନ୍ତି ସେମାନଙ୍କର ନାମ ନିମ୍ନରେ ପ୍ରଦତ୍ତ ହେଲା । ମାତ୍ର ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନେ କାର୍ଯ୍ୟ ନିମନ୍ତେ କୌଣସି ଦାବି କରି ପାରିବେ ନାହିଁ । କାର୍ଯ୍ୟ ଖାଲି ହେଲେ ମାନ୍ୟବର ଚିଫ୍ ଜଷ୍ଟିସ ସେମାନଙ୍କ ମଧ୍ୟରୁ ତାଙ୍କ ଇଚ୍ଛାନୁସାରେ ବାଛିକରି କାର୍ଯ୍ୟରେ ନିଯୁକ୍ତ କରି ପାରନ୍ତି ।

ପରୀକ୍ଷୋତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନଙ୍କର ନାମ ଯଥା ।

୧ ମହମ୍ମଦ ଅଲି    ୩ ସୁରେନ୍ଦ୍ର ବିଶ୍ୱାସ
୨ ନନ୍ଦକିଶୋର ଦାସ    ୪ ନନ୍ଦକୁମାର ଦାସ

---

ଗତ ରବିବାରଠାରୁ ଶୀତ ଟାଣ ହୋଇଅଛି । ଠାବେ ସାମାନ୍ୟ ଶର୍ଦ୍ଦି ଛଡ଼ା ଅନ୍ୟ କୌଣସି ରୋଗର ପ୍ରାଦୁର୍ଭାବ ନାହିଁ ।

ଅସ୍ମାକଙ୍କର କମିଶନର ଓ ଜଜ ସାହେବ ମହୋଦୟମାନେ ଗତ ବୁଧବାର ଦିନ କଲିକତା ଯାତ୍ରା କରିଅଛନ୍ତି । ପ୍ରୋଭିନସିଆଲ କନ୍‌ଫରେନ୍ସରେ ଯୋଗ ଦେବା ଏଥିର ପ୍ରଧାନ ଉଦ୍ଦେଶ୍ୟ ଅଟେ ।

ଅସ୍ମାକଙ୍କର ସୁଯୋଗ୍ୟ ମୌଲବୀ ମହମ୍ମଦ ଇଲ୍‌ଯା ଡିପୋଟି ଇନ୍‌ସ୍‌ପେକ୍ଟର ମହାଶୟ ଗତ ଗୁରୁବାର ଦିନ ରେଲ ଯୋଗେ କଲିକତାକୁ ଯାଇଅଛନ୍ତି । ରେଲ ବାଟ ନ ଖୋଲିଲେହେଁ ସେ ଉକ୍ତବାର ହାକିମଙ୍କ ସଙ୍ଗେ ବନ୍ଦୋବସ୍ତ କରି ନେଇ କଲିକତା ଯାଇଅଛନ୍ତି । ଅତି ଶୀଘ୍ର ଏ ବାଟ ଖୋଲିବ ।

ବଡ଼ଦିନ ଉପଲକ୍ଷରେ ରକାଦାରଠାରେ ଘୋଡ଼ଦୌଡ଼ ହେବାର ଶୁଣାଯାଏ । ସେହିଦିନଠାରୁ ଏଠା ବନ୍ଦୋବସ୍ତ ହାକିମ ଡବ୍ଲ୍ୟୁଡ଼ କେତେକ ଜଣ ହାକିମ ସାହେବ ସେଠାକୁ ଯୋଗ ଦେବେ - ଯାଇଅଛନ୍ତି । ଏ ନଗରରେ ଯେଉଁ ସାହେବମାନେ ଅଛନ୍ତି ସେମାନେ ସାମାନ୍ୟ ପ୍ରକାର ଖେଳର ବନ୍ଦୋବସ୍ତ କରିଅଛନ୍ତି । ଓଡ଼ିଶା ମଧ୍ୟରେ ଏକା କେନ୍ଦ୍ରାପଡ଼ାଠାରେ ଖେଳ କୌତୁକ ଟୁର୍ଣ୍ଣାମେଣ୍ଟ ଏ ସମୟରେ ଅଧିକ ହୁଅଇ ଏବଂ ସେଥିପାଇଁ ଏଠାରୁ ଅନେକ ସ୍କୁଲ ଛାତ୍ର ଏବଂ କେତେକ ଭଦ୍ରଲୋକ କେନ୍ଦ୍ରାପଡ଼ାକୁ ଯାଉଅଛନ୍ତି ।

ମାନ୍ଦ୍ରାଜଠାରେ ଗତ ନବେମ୍ବରମାସ ଶେଷଭାଗରେ ପ୍ରବଳ ବାତ୍ୟା ହୋଇଥିବାର ସମ୍ବାଦ ମିଳଇ । ବନ୍ଦରରେ ଜାହାଜ ନେକେ ବହୁଗୁଡ଼ାଏ ନାଶ ମିଳୁଅଛନ୍ତି ।

ଅନ୍ତିପ୍ରାବ ଶିଳ୍ପ ସମ୍ବନ୍ଧରେ ଜାପାନ ସରକାର ସଙ୍କଳ୍ପ, ଅଗ୍ରେ ସମ୍ବାଦ ମିଳଇ । ଏଥିର ବିଶେଷ ନିୟମମାନ ପ୍ରକାଶିତ ହୋଇ ନାହିଁ ।

### କେନ୍ଦ୍ରାପଡ଼ା ସମ୍ବାଦ ।

ଏଠାରେ ବଡ଼ଦିନ ସମୟରେ ଯେଉଁ କ୍ରୀଡ଼ା ଅଭିନୟ ହେବ ତାହା ଚଳିତମାସ ତା ୨୩ ରିଖରୁ ଆରମ୍ଭ ହୋଇଅଛି । ଏଠା ହାଇସ୍କୁଲର ଛାତ୍ରମାନଙ୍କ ସହିତ କଟକ କଲେଜର ଛାତ୍ରମାନଙ୍କ କ୍ରିକେଟ ଖେଳରେ ଯେଉଁ ପକ୍ଷ ଜୟଲାଭ କରିବେ ସେମାନେ ପୁରସ୍କାର ସ୍ୱରୂପ ଗୋଟିଏ ପାରିତୋଷିକ ମୂର୍ତ୍ତି ପ୍ରାପ୍ତ ହେବେ । ଧର୍ମଶାସ୍ତ୍ରୀୟ ବକ୍ତୃତା ସେହି କନ୍ଦୁକ କ୍ରୀଡ଼ାର୍ଥେ କଲିକତାଠାରୁ ଜଣେ ହିନ୍ଦୁ ପଣ୍ଡିତ ଓ ଜଣେ ମୁସଲମାନ ମଉଲବୀ ଅଣାଇବାର ଚେଷ୍ଟା ହେଉଅଛି । ଏଥିର କଲିକତାଠାରୁ ଗୋଟିଏ ସଂକୀର୍ତ୍ତନ ଦଳ ଅଣାଇବାର ସ୍ଥିର ହୋଇଅଛି । ସ୍କୁଲ ଛାତ୍ରମାନେ ଜଣେ ପେଣ୍ଟିଙ୍ଗର ଗୋଟିଏ ନାଟକ ଅଭିନୟ କରିବେ ।

Split by PDF Splitter
Digitized by srujanika@gmail.com

## ଯାଜପୁର ସମ୍ବାଦ ।

[illegible]

## ଗଞ୍ଜାମ ସମ୍ବାଦ ।

[illegible]

## ପତ୍ରପ୍ରେରକମାନଙ୍କ ପ୍ରତି ।

[illegible]

## ପ୍ରେରିତ ପତ୍ର

[illegible]

To THE EDITOR OF UTKAL DIPIKA,

Dear Sir,

Two addresses were prepared for His Honor, one by the Orissa Islam Association Cuttack signed by about three hundred inhabitants and the other by the foreign Mohomedans about 20 or 30. The first one was to the effect that grant in aid system may be extended to Madrasha and Muktabs where English is taught with Urdoo and that a Committee of fitmen be appointed to manage Mohomedan endowments which had come under Act XX of 1863 and are being misappropereted or misused and lastly that Sec. 539 C. P. C. be extended to Orissa in connection with those endowments which do not come under the above act presumably for the reason that it is difficult to obtain sanction of Advocate General in Calcutta and the District Collector be empowered to exercise the same power. The District Collector thought that the above were no public grievances and rejected the address.

The second Address was to the effect that for permanent posting of a Mohomedan Deputy Collector, a Mohomedan Sub-Jub-judge or Moonsiff and a Mohomedan school Sub-Inspector and for extention of the Mohosin fund in favor of rich boys.

The District Magistrate thought that the above were really public grievances and the address was allowed. The Lieutenant Governor deferred giving any reply till he was better informed. The matter of mohsin fund was pressed on His Honor when he visited the Kadam Rasool where Moulvi Mohomuddin Nabi said that his nephew applied for a Mohosin scholarship but could not get one ! ! !

That town Mahamedans have since then petitioned to the District Judge to appoint a managing Committee for all Mohomedan endowments and the Judge is making enquiries about them.

Yours truly
*Observer.*

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ [illegible] | [illegible] | ୫ ॰ |
| „ [illegible] | | ୫ ୨ |
| „ [illegible] | [illegible] | ୫ ॰ |
| „ [illegible] | [illegible] | ୫ ॰ |

[illegible]

| | |
|---|---|
| [illegible] | ୫ [illegible] |
| [illegible] | ୫ ୨ |
| ମୋଟ | ୫ [illegible] |

## ବିଜ୍ଞାପନ ।

[illegible]

## NOTICE.

Calling for tenders for the Construction of maid servants' quarter at Madhupur Garh on the Madhupura Ward's Estate

The Estimated cost of the building is Rs. 4500. Plans and quantities and estimate can be seen at the District Engineers office Cuttack Collectorate—during office hours

The general specification for work in the Orissa circle will be in force.

Tenders to be on Form No. 2 which as well as the conditions of contract can be seen in the District Engineers office.

Tenders to be submitted to the Collector accompanied by the prescribed earnest money ( Rs. 100. ) before the end of December 1898.

The Collector does not bind himself to accept the lowest or any tender.

Cuttack. }
16-12-98 } *District Engineer.*

Split by PDF Splitter
Digitized by srujanika@gmail.com

Split by PDF Splitter



## NOTICE.

The Oriya Arithmetic by Mrs. J. B. Rae can be had on application to Miss H. K. Leigh Cuttack and The Revd. George Hamber B. A. Balasore.

## ବିଜ୍ଞାପନ।

ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ସ୍ୱର୍ଗୀୟ କବି ଯଦୁମଣି ମହାପାତ୍ରଙ୍କ ବିରଚିତ "ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର" ଅଧୁନାତନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ଓ ଆମ୍ଭ ନିକଟରେ ଏକଟଙ୍କା ମୂଲ୍ୟରେ ବିକ୍ରୟ ହେଉଅଛି। ଇତି।

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର
ହେଃ ପଣ୍ଡିତ ନୟାଗଡ଼ ସ୍କୁଲ
ନୟାଗଡ଼ ପୋଃ ଅଃ

## ବିଜ୍ଞାପନ।

ଓଡ଼ିଶା ସ୍କୁଲସମୂହର ଇନସ୍ପେକ୍ଟର ରାୟ ରାଧାନାଥ ରାୟ ବାହାଦୁରଙ୍କ ପ୍ରଣୀତ "ବ୍ୟାକରଣ ପରିଚୟ" ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଛପା ହେଉଅଛି। ଅଳ୍ପଦିନରେ ବାହାରିବ।

ନୂତନ ପୁସ୍ତକ।

## ଶ୍ରୀମଦ୍ ଭଗବଦ୍ ଗୀତା।

(ଦ୍ୱିତୀୟ ସଂସ୍କରଣ)

ପୂର୍ବଠାରୁ ଅଧିକ ଟୀକା ସନ୍ନିବିଷ୍ଟ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି। ମୂଲ୍ୟ ପୂର୍ବପ୍ରାୟ ଅଠଅଣା। ଡାକମାସୁଲ ପ୍ରତି ଖଣ୍ଡକୁ ଦୁଇପଇସା।

# ଆୟୁର୍ବେଦୀୟ ଔଷଧାଳୟ।

## ପ୍ରମେହସୁଧା ଗନେରିଆର ଅବ୍ୟର୍ଥ ମହୌଷଧ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନେରିଆ) ଖଡ଼ିଜଳ ତୁଲ୍ୟ ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର ଘାଆ, ପ୍ରସ୍ରାବର ପୋଡ଼ାଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ। ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/, ପ୍ୟାକିଂ ଟ ୦/, ଡାକମାସୁଲ ଟ ୦।

—※—

## ଅମୃତାଦିକଷାୟ ବା ଦେଶୀୟ ସାଲସା।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇଅଛି। ଏଥିରେ ଏପରି କେତେଗୁଡ଼ିଏ ସାରବାନ୍ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ। ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ, ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଗାତ୍ରକଣ୍ଡୂ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ। ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦/, ପ୍ୟାକିଂ ଟ ୦/, ଡାକମାସୁଲ ଟ ୦ ୷।

——

## ବୃହଦଶ୍ୱଗନ୍ଧାରସାୟନ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ। ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/, ପ୍ୟାକିଂ ଟ ୦/ ଡାକମାସୁଲ ଟ ୦ ୷।

——

## ସ୍ୱପ୍ନସୁଧା।

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି। ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଖଡ଼ିଜଳବତ୍ ପ୍ରସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦/, ପ୍ୟାକିଂ ଟ ୦/, ଡାକମାସୁଲ ଟ ୦।।

——

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ। ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ। ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ। ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଏ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ।

ନୂତନ ପୁସ୍ତକ।

## ସାକାର ଓ ନିରାକାରତତ୍ତ୍ୱ ବିଚାର

ଶ୍ରୀ ଯତୀନ୍ଦ୍ରମୋହନ ସିଂହ ବି, ଏ, ପ୍ରଣୀତ
ମୂଲ୍ୟ ଟ ୧୧ ଡାକମାସୁଲ ଟ ୦/

ଏହି ହିନ୍ଦୁଧର୍ମ ସମ୍ବନ୍ଧୀୟ ପୁସ୍ତକ ବିଷୟରେ ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁର ସ୍କୁଲ ସମୂହର ଇନ୍‌ସ୍ପେକ୍ଟର କହନ୍ତି "ଆପଣଙ୍କର ସାକାର ଓ ନିରାକାରତତ୍ତ୍ୱ ବିଚାର" ପାଠ କରି ଆମ୍ଭେ ଯେରୂପ ପ୍ରୀତିଲାଭ କରିଅଛୁଁ ତାହା ଭାଷାରେ ବ୍ୟକ୍ତ ହେବାର ନୁହେଁ। ପାଣ୍ଡିତ୍ୟ ଏବଂ ଯୁକ୍ତି କୌଶଳରେ ଏ ପୁସ୍ତକ ଖଣ୍ଡିକୁ ବଙ୍ଗଭାଷାର ଗୌରବ ସ୍ତମ୍ଭ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ। ଏହା କେବଳ ବଙ୍ଗାଳୀର ସମ୍ପତ୍ତି ନୁହେ ଭାରତୀୟ ପ୍ରତ୍ୟେକ ହିନ୍ଦୁଙ୍କର ସମ୍ପତ୍ତି। ଆମ୍ଭେ ଆଶା କରୁଁ ଏହା ପ୍ରତ୍ୟେକ ଭାରତୀୟ ଭାଷାରେ ଅନୁବାଦିତ ହୋଇ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥଙ୍କର ଗୃହ ଭୂଷଣ ହେବ।" କଟକ କଲେଜର ପ୍ରିନ୍ସିପାଲ ଶ୍ରୀଯୁକ୍ତ ନୀଳକଣ୍ଠ ମଜୁମଦାର ଏମ୍, ଏ, କହନ୍ତି "ଆପଣ ଆପଣଙ୍କର ପୁସ୍ତକ ରଚନା କରି ଆମ୍ଭର ଓ ହିନ୍ଦୁସମାଜର ଧନ୍ୟବାଦାର୍ହ ହୋଇଅଛନ୍ତି।"

କଟକର ଡେପୁଟୀ କଲେକ୍ଟର ସ୍ତ୍ରୀକନ୍ଦବାବୁଙ୍କ ନିକଟରେ ଓ ଉତ୍କଳ ଦୀପିକା କାର୍ଯ୍ୟାଳୟରେ ପ୍ରାପ୍ତବ୍ୟ।

Digitized by srujanika@gmail.com

Split by PDF Splitter



ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ, ଏବଂ ତାହାର ବ୍ୟାଖ୍ୟା ଉଚିତ ମୂଲ୍ୟରେ ଦିଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳଇ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।


# S. BASACK & Co.

No. 200 Harrison Road Bara Bazar
CALCUTTA
"THE UNIVERSAL AGENCY"

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତପ୍ରକାର ମନୋହାରୀ ଦ୍ରବ୍ୟ-ଅତର, ଗୋଲାପ, ଏସେନ୍ସ ଜାର୍ମିଣୀମାନଙ୍କର ବସ୍ତୁପ୍ରସ୍ତୁ କେଶବର୍ଦ୍ଧନକାରୀ କୁସୁମସୁରଭି ତୈଳ, କେଶ ସଂହାରକ ତୈଳ ଓ ସାବୁନ, ସୁବାସିତ ବାଳର କଳ, ଦୁକଗଣ୍ଡି, ପକେଟଘଡ଼ୀ, ଷ୍ଟାଇମପୀସ, ବସ୍ତୁକଧ ସୁନ୍ଦର ଚିହ୍ନିର, ପଞ୍ଚ ଅଙ୍ଗୁଷ୍ଟ, ହିଲମୋହର, ରବରଷ୍ଟାମ୍ପ ମ୍ୟାଜିକ ପକେଟ ଲେମ୍ପ, ବଟେଫ ଜମାଇବାର କଳ, ଦେଶୀ ଘୋଡ଼ା ଓ ଲେମନେଡ଼ର କଳ ବାଳଲୁଗା କାଟ କଳ ଦାଢ଼ୀ ଛିର କରିବାର କଳ, ପକେଟ ଛୁରୀ, ଖୋଲପତ୍ର ବ୍ରସ, ଅର୍ଥାତ୍ ଦନ୍ତବୁରୁସ, ଜୋତା, ଜାମା ଇତ୍ୟାଦି ) ନାନାପ୍ରକାର ପରିଧାନୋପଯୋଗ୍ୟ ଦେଶୀ ଓ ବିଲାତୀ ଧୋତି, ଶାଢ଼ୀ, ମଲମଲ, ଚଦର, ମୋଜା, ଗଞ୍ଜିଫରାକ, ଅଙ୍ଗରଖା, କୋଟ, ରେସମୀବସ୍ତ୍ରର ଓ ପାରସୀ ଶାଢ଼ୀ, ସୁନ୍ଦର ବେଣ୍ଟଲଗା ରେସମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତୀ ଛବି, ସରିଷା—ମେଜ, ଚୌକି, ଆଲମାରି—ସୁନ୍ଦର ରଙ୍ଗ, ଦୁଃଖସଙ୍ଗାପହର, ଦୁଃସାଧ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସର୍ବଦେଳେ ଆମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏକଥାରେ ସେହି ଜିନିଷର ଫରମାସ କରିବ ତାହା ବିଶ୍ୱ ଶୃଙ୍ଖଳାରେ ପଠାଇ ଦେବୁ।

ଅନ୍ୟମାନେ ସହର ଓ ମୋଫସଲ ନିବାସୀ ସମସ୍ତ ବନ୍ଧୁବର୍ଗଙ୍କ ଅମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁ ଯେସମସ୍ତ ଜିନିସ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆମେରିକା ପ୍ରଭୃତି ସ୍ଥାନରୁ ଅଣାଇ ସୁବିଧାଦରରେ ବିକ୍ରୟ କରିପାରୁ ବ୍ୟବସାୟ ନିମନ୍ତେ ଏକଥରରେ ଅନେକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ ବଜାରଦର ଉପରେ ଶତକଡ଼ା ଦୁଇଟଙ୍କା କମିଶନ ନେଇ ଶୀଘ୍ର ମାଲ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଅମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରୀମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ ପଠାଯିବ କୌଣସିଦ୍ରବ୍ୟ ପସନ୍ଦ ନ ହେଲେ ଫେରାଇନେବାକୁ ସ୍ୱୀକୃତ ଅଛୁଁ ।

## ଏସ୍ ବସାକ କମ୍ପାନୀ

ଜେନେରଲ ମର୍ଚ୍ଚେଣ୍ଟ ଓ କମିଶନ ଏଜେଣ୍ଟ
ନ ୨୦୦ ମ୍ବର ହାରିସନ ରୋଡ଼ ବଡ଼ବଜାର
କଲିକତା



## ଦୀର୍ଘକାଳର ପରୀକ୍ଷିତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଆଶ୍ଚର୍ଯ୍ୟ ଫଲପ୍ରଦ ଔଷଧ ଅଦ୍ୟାପି ଦ୍ୱିତୀୟ ଦେଖାଯାଇ ନାହିଁ।

ମୂଲ୍ୟ ପ୍ରତିଡବା ୦ ୵୬ ଛ ଅଣା । ମାସୁଲ ଓ ପ୍ୟାକିଂ [illegible] ଅଧିକ ନେଲେ [illegible] ଇତି ।

ଏହି ଔଷଧର ବିଶେଷ ଗୁଣ ଏହିକି ଏହା ବ୍ୟବହାର କରିବାରେ କେବଳ ଦୁଇ ତିନ ଦିନ ମଧ୍ୟରେ କେତେ କଠିନ ଅସାଧ୍ୟ ଦଦ୍ରୁରୋଗ ହେଉ ନା କାହିଁକି; ଫଳ ନ ଦେଖାଇ ରହିବ ନାହିଁ । ଏହେତୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହସ କରି କୁହାଯାଉଅଛି; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ ଏଥି ନିମନ୍ତେ ନାହିଁ ବରଂ ଅନେକ ଉପକାରର ସମ୍ଭାବନା ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗ ମୁକ୍ତ ହୋଇ ସ ଇଚ୍ଛାରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ।

କଟକର ଗ୍ରାହକମାନଙ୍କ ସୁବିଧାର୍ଥ କଟକ ପ୍ରିଣ୍ଟିଂକମ୍ପାନୀ ପ୍ରେସରେ ଏହି ଔଷଧ ପ୍ରଚୁରପରିମାଣ ବିକ୍ରୟ ହେଉଅଛି । ଯାହାର ଆବଶ୍ୟକ ହେବ ସେ ଏ ସ୍ଥାନରୁ କ୍ରୟ କରିବେ

## ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ନିଜନିଜ ଅପଣାର ନାମ, ଧାମ ଡାକଘର ଜିଲ ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟ ରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ସୀମାଚାରଣ ସେନ
ମେଡ଼ିକ ହଲ୍ ପ୍ରେସ ବାଲେଶ୍ୱର ।





ସିଲଭରକେସ ମୂଲ୍ୟ ଟ ୬୲୵

ଗ୍ରାହକେ କଲିକତା ଯିବାରେ ଏଠାରେ ପାଇ ପାରିବେ ଏତଦ୍ଭିନ୍ନ ନାନାପ୍ରକାର ଔଷଧ ଅମ୍ଭ ଦୋକାନରେ ବିକ୍ରୀପାଇଁ ସଞ୍ଚିତ ଅଛି । ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ତଲ୍ଲାସ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁପେବଲ ଯୋଗେ ପାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲ୍‌ଶକୁର
କଟକ } ଔଷଧ ମେଡର ଓ ଜୁଏଲର


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ପ୍ରତିଧାଡ଼ି
ଧାଡ଼ାପ୍ରତି ଟ [illegible]
ଅଧିକ [illegible] ଟ [illegible]
ଏକ ଏକ ସମୁଦାୟ ଟ ୩୵

ମାତ୍ର କୌଣସି [illegible] ଟ [illegible] ରୁ [illegible] ହେବ ନାହିଁ ।

[illegible]

ଫେରାଇବାର

[illegible] ଦେବ ।

ଏହି ଉତ୍କଳଦୀପିକା କଟକ ବାହାର ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED No. C 18.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୩ ଶ
ସଂ ୫୧ ସଂଖ୍ୟା

ତା ୩୧ ଦିଶ ମାହେ ଡିସେମ୍ବର ସନ ୧୮୯୮ ମସିହା । ମୁ । ୧୮ ଇ ପୌଷ ସନ ୧୩୦୬ ସାଲ ଶନିବାର ।

ଅଗ୍ରିମ ଟ ୩
ପଶ୍ଚାଦେୟ ଟ ୬

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କର

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୧ ଉତ୍କଳୀୟାବ୍ଦାଃ ୧୩୦୬ ୧୩୦୭ ଇଂରାଜୀ ସନ ୧୮୯୯ ଏବଂ ସନ ୧୯୦୦ ଶ୍ରୀ ମୁକୁନ୍ଦଦେବ ମହାରାଜାଙ୍କର ଅ ୨୮୨୯ ଙ୍କ କ୍ରମରେ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ବଡ଼ପାଞ୍ଜିର ମୂଲ୍ୟ ଟ ୦। ଡାକମାସୁଲ ଟ ୦/
ଛୋଟପାଞ୍ଜିର ମୂଲ୍ୟ ଟ ୦୧୨ „ ଟ ୦୧୨

ଆଜଠାରୁ ସନ ୧୮୯୮ ମସିହା ଉତ୍କଳରେ କ୍ରମରେ ବିଦାୟ ହୋଇଯିବ ଏବଂ କାଲିଠାରୁ ଆମ୍ଭେମାନେ ନୂତନ ବର୍ଷରେ ପଦାର୍ପଣ କରିବୁଁ । ଫସଲର ଅବସ୍ଥା ଭଲ ହୋଇ ନ ଥିବାରୁ ଅନ୍ନକଷ୍ଟ ସର୍ବଦା ମନରେ ଜାଗରୂକ ରହିଅଛି । ଏମନ୍ତ ଅବସ୍ଥାରେ ଏ ବର୍ଷଟା ସୁଖରେ ଗଲା ନାହିଁ କି ମ୍ଭା ଆଗାମୀ ବର୍ଷରେ ସୁଖ ସ୍ୱଚ୍ଛନ୍ଦ ହେବାର ଅଶା ମଧ୍ୟ ରଖି ହେଉ ନାହିଁ । ବନ୍ଦୋବସ୍ତ କାର୍ଯ୍ୟ ଲାଗି ରହିଥିବାରୁ ଜମିଦାରଠାରୁ ପ୍ରଜାମାନଙ୍କର ଦୌଡ଼ା ଦୌଡ଼ିର ସୀମା ନାହିଁ ଏବଂ ସେହି ବନ୍ଦୋବସ୍ତ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଆଗାମୀ ବର୍ଷ ମଧ୍ୟରେ ଯେ ଦୌଡ଼ାଦୌଡ଼ି କରି ହଇରାଣ ହେବାକୁ ହେବ ତହିଁର ଚିନ୍ତା ଛାଡ଼ି ନାହିଁ । ସୁଖ ମଧ୍ୟରେ ବର୍ଷ ଶେଷକୁ ପ୍ରେସିଡେଣ୍ଟ ସାହେବ ଏ ଦେଶକୁ ଆସି ମିଷ୍ଟାଳାପ ଓ ସଦାନୁଭୂତିର ସ୍ପଷ୍ଟ ଲକ୍ଷଣମାନ ଦେଖାଇ କୃତଜ୍ଞତା ପାଶରେ ଲୋକଙ୍କୁ ବାନ୍ଧିଗଲେ ଏବଂ ରେଳ କାର୍ଯ୍ୟ ଦ୍ରୁତବେଗରେ ଚଳୁଥିବାରୁ ଯେମନ୍ତ ଲୋକେ ଦୁଇ ପଇସା ଉପାର୍ଜନ କରୁଅଛନ୍ତି ତେମନ୍ତ ଗମନାଗମନରେ ସୁବିଧାରେ ଉନ୍ନତିର ଆଶା ହେଉଅଛି ।

ଆମ୍ଭମାନଙ୍କର ବଡ଼ଲାଟ ମହୋଦୟ ବ୍ରହ୍ମଦେଶରୁ ପ୍ରତ୍ୟାଗତ ହୋଇ ଚଳିତ ମାସ ତା ୧୬ ଦିଶରେ କଲିକତାଠାରେ ପହୁଞ୍ଚିଅଛନ୍ତି । ନୂତନ ବଡ଼ଲାଟ ପହୁଞ୍ଚିଲେ ତାଙ୍କୁ କାର୍ଯ୍ୟଭାର ଦେଇ ବିଲାତ ଯାତ୍ରା କରିବେ ।

ଆମ୍ଭମାନଙ୍କର ନୂତନ ବଡ଼ଲାଟ ମହୋଦୟ ବିଲାତରୁ ଯାତ୍ରା କରିବା ପୂର୍ବେ ସେଠା ବାଣିଜ୍ୟ ସମିତିରୁ ଖଣ୍ଡିଏ ପତ୍ର ପାଇଥିଲେ । ସେ ପତ୍ରରେ ଭାରତର ଆର୍ଥିକ ଅବସ୍ଥାର ଉନ୍ନତି ଏବଂ ରେଲ ଓ କାଲ କାର୍ଯ୍ୟରେ ଖର୍ଚ୍ଚ ସମ୍ବନ୍ଧରେ ସମିତିର ମତ ଲେଖା ଯାଇଥିଲା । ଖର୍ଚ୍ଚ ଊଣା ହେବା ସମ୍ବନ୍ଧୀୟ ପ୍ରସ୍ତାବମାନ ଟିପିନେବା ଏବଂ ରେଲ ଓ କାଲ କାର୍ଯ୍ୟର ଖର୍ଚ୍ଚ ସମ୍ବନ୍ଧରେ ତାଙ୍କର ସହାନୁଭୂତି ଥିବା ମନରେ ଲାଟ ମହୋଦୟ ତହିଁର ଉତ୍ତର ଦେଇଅଛନ୍ତି । ପ୍ରସ୍ତାବମାନଙ୍କର ସବିଶେଷ ଜଣା ପଡ଼ି ନାହିଁ ମାତ୍ର କାର୍ଯ୍ୟଗତିରୁ ଅନ୍ତରେ ତାହା ଜଣାଯିବ । ଏ ମହାଶୟ ଚଳିତ ମାସ ତା ୧୬ ଦିଶରେ ବିଲାତରୁ ଯାତ୍ରା କରି ଆସି ଗତ କାଲି ବୋମ୍ବାଇଠାରେ ପହୁଞ୍ଚିଅଛନ୍ତି ଓ ଆଗାମୀ ତା ୩ ଦିଶ ମଙ୍ଗଳବାର ସ ୪ ଘ ସମୟରେ ହାଉଡ଼ା ରେଲଓ୍ୱେଠାରେ ପହୁଞ୍ଚିବେ । ଏହା ସାଧାରଣରେ ଜନରବ ଉଠିଅଛି ଯେ ନୂତନ ବଡ଼ଲାଟ ଶୀତଋତୁ ଗସ୍ତର ଶେଷ ଭାଗରେ ଉତ୍ତରପଶ୍ଚିମ ପ୍ରଦେଶ ଦିଗକୁ ଗସ୍ତରେ ଗମନ କରିବେ ମାତ୍ର ଏଥି ସମ୍ବନ୍ଧରେ ସରକାରୀ ରିପୋର୍ଟ କିଛି ପ୍ରକାଶ ପାଇ ନାହିଁ ।

ବଡ଼ଦିନ ଉପଲକ୍ଷରେ ସମସ୍ତ ସରକାରୀ କଚେରୀ ଓ ସ୍କୁଲମାନ ଗତ ତା ୨୨ ଦିଶ ବୁଧବାର ଦିବସରୁ ବନ୍ଦ ହୋଇଅଛି । ଅଦାଲତ ଆଗାମୀ ଯାନୁୟାରି ମାସ ତା ୩ ଦିଶରେ ଖୋଲିବ ଓ କଲେକ୍ଟରୀ କମିଶ୍ନରୀ ପ୍ରଭୃତି କଚେରୀମାନ ଗତ ତା ୨୯ ଦିଶ ବୃହସ୍ପତିବାର ଦିବସରୁ ଖୋଲିଅଛି । ଚନ୍ଦ୍ରଗ୍ରହଣ ହେତୁ ଏକଦିବସ ଅଧିକା ଛୁଟୀ ପଡ଼ିଥିବାରୁ ମୋଟ ଛୁଟୀ ଅଠଦିବସ ହୋଇଥିଲା ମାତ୍ର ଏତେ ଅଧିକା ଛୁଟୀ ଦୁର୍ଗାପୂଜା ପର୍ବ ସମୟ ବ୍ୟତୀତ ବର୍ଷମଧ୍ୟରେ ଅନ୍ୟ କୌଣସି ସମୟରେ ମିଳଇ ନାହିଁ । ମାତ୍ର ଏତେ ଦିବସରୁ

Split by PDF Splitter



ସେ ସବୁକାଷ୍ଟ ଛୁଟୀରେ ମଧ୍ୟ କେତେକ ହାକମ କଚେରି କରି ଆମ୍ଭମାନଙ୍କୁ ଲଣ୍ଡଭଣ୍ଡ କରନ୍ତି ସୁତରାଂ ଦୀର୍ଘଛୁଟୀ ହୋଇଥିଲେ ମଧ୍ୟ ଗରିବ ଆମ୍ଭମାନେ ତହିଁର ଫଳ ଭୋଗ କରିବାକୁ ସକ୍ଷମ ହୁଅନ୍ତି ନାହିଁ। ଶ୍ରୀଯୁକ୍ତ କଲେକ୍ଟର ସାହେବ ଛୁଟୀ ପୂର୍ବରୁ ଗସ୍ତରେ ଯାଇଥିଲେ। ଶ୍ରୀଯୁକ୍ତ କମିଶନର ସାହେବ ଛୁଟୀରେ କଲିକତା ଗମନ କରିଅଛନ୍ତି, ତଥାପି ଆମଲା ଓ ଅନ୍ୟ ହାକମମାନେ ଛୁଟୀରେ କଚେରି ଯିବା ବନ୍ଦ କରି ନାହାନ୍ତି। ସାଧାରଣ ଛୁଟୀରେ ଯଦ୍ୟପି କଚେରି କାର୍ଯ୍ୟ କରିବାକୁ ହେଲା ଓ ଆମଲାମାନେ ଅନ୍ୟ ସ୍ଥାନକୁ ଯିବାକୁ ଅନୁମତି ନ ପାଇଲେ, ତେବେ ସାଧାରଣ ଛୁଟୀଦିବସର ବିଜ୍ଞାପନ ଦେବାର ଆବଶ୍ୟକତା କଣ ବୁଝା ଯାଉ ନାହିଁ। ଅବଶ୍ୟ ଅତ୍ୟନ୍ତ ଜରୁରୀ କାର୍ଯ୍ୟର ଭିଡ଼ ପଡିଲେ ସାଧାରଣ ଛୁଟିମଧ୍ୟରେ କାର୍ଯ୍ୟ ଉଠାଇ ନେବାକୁ କେହି ଆପତ୍ତି କରି ନ ପାରନ୍ତି ମାତ୍ର ବର୍ଷଯାକ କାର୍ଯ୍ୟ କଲେ ଯାହା ଶେଷ ନ ହେଲା ସେଥିପାଇଁ ଉତ୍ସବ ଦିନଟାକୁ ସେହି କାର୍ଯ୍ୟରେ ଲଗାଇ ଆମ୍ଭମାନଙ୍କୁ ଲଣ୍ଡଭଣ୍ଡ କରିବାର ନୀତି ଆମ୍ଭେମାନେ ବୁଝିବାକୁ ଅକ୍ଷମ। କର୍ତ୍ତୃପକ୍ଷମାନେ ଏଥିପ୍ରତି ଦୃଷ୍ଟିପାତ କରିବେ କି?

---

ଏଠା କମିଶନର କଚେରିଗୃହ ଭଗ୍ନପ୍ରାୟ ଦେଖି ଛୋଟଲାଟ ବାହାଦୁର ସ୍ୱୟଂ ଏ ଗୃହଟି ପରିଦର୍ଶନ କରି ନୂତନ ଗୃହ ନିର୍ମାଣ କରିବାର ଆବଶ୍ୟକ ବୋଲି କହି ଯାଇଅଛନ୍ତି। ବାରିକମାସ୍ତର ସାହେବ ଗୃହର ଦ୍ୱାରଦେଶକୁ ଆସିବା ଅନୁଚିତ ବୋଲି ପ୍ରକାଶ କରିଅଛନ୍ତି, କିନ୍ତୁ ଗୃହର ଅନ୍ୟ ସ୍ଥାନରେ ଅର୍ଥାତ୍ ଗୃହାଭ୍ୟନ୍ତରରେ ପ୍ରବେଶ କରିବା ଯେ ଅନୁଚିତ ନୁହେ ଏହା ପରୀକ୍ଷା କରା ଯାଇ ନ ଥିବା ସ୍ଥଳେ କଚେରି ଗୃହ ମଧ୍ୟରେ କଚେରି ହେବା ଉଚିତ ହେଉ ନାହିଁ। ଯେଉଁ ଗୃହର ଚତୁଃପାର୍ଶ୍ୱସ୍ଥ କାନ୍ଥମାନ ଭଗ୍ନ ପ୍ରାୟ ଓ ଗୃହ ପରିବର୍ତ୍ତନର ଆବଶ୍ୟକତା ଉପସ୍ଥିତ ସେପରି ଗୃହ ଶୀଘ୍ର ପରିତ୍ୟାଗ କରିବା ଉଚିତ। ଆମ୍ଭେମାନେ ଶୁଣିଲୁ ଉକ୍ତ ଗୃହ ନ ଦିଆ କରାଯିବ ଓ ଅନ୍ୟ ଏକ ସ୍ଥାନରେ କଚେରି ଗୃହ ନିର୍ମାଣ ହେବ। ବହୁକାଳ ପୂର୍ବରୁ କଲେକ୍ଟରୀ ଅଦାଲତ ଓ କମିଶନର ଏକ ସ୍ଥାନରେ ହେବାର କଥା ହୋଇ ଆସୁଅଛି ମାତ୍ର ଟଙ୍କାର ଅଭାବରେ ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇ ପାରୁ ନ ଥିଲା। ବର୍ତ୍ତମାନ ନୂତନ କଚେରି ଗୃହ ନିର୍ମାଣ ହେବା ସ୍ଥିର ହୋଇଥିବା ସ୍ଥଳେ ଉକ୍ତ ଗୃହ କଲେକ୍ଟରୀ ହତାରେ ଅବା ତନ୍ନିକଟବର୍ତ୍ତୀସ୍ଥାନରେ ହୋଇ ଅନ୍ୟ ସ୍ଥାନରେ ହେବା ଉଚିତ ହେଉ ନାହିଁ। ଆମ୍ଭେମାନେ ଶୁଣିଲୁଁ ଯେ ଲଡ଼୍ଗା ପଡିଆରେ ଉକ୍ତ ଗୃହ ନିର୍ମାଣ ହେବ। ଆମ୍ଭେମାନେ ଏହା ଶୁଣି ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଅଛୁଁ। ଆଶ୍ଚର୍ଯ୍ୟର କାରଣ ଏହି ଯେ ଗବର୍ଣ୍ଣମେଣ୍ଟ ପୂର୍ବରୁ ସମସ୍ତ କଚେରି ଏକ ସ୍ଥାନରେ କରିବାର କଳ୍ପନା କରୁଥିବା ସ୍ଥଳେ ଲଡ଼୍ଗାରେ କଚେରି ହେବାର କଳ୍ପନା କିପରି ହେଲା? ଦୁଃଖିତ ହେବାର କାରଣ ଅନେକ ଯଥା; ଲଡ଼୍ଗା ସହରର ଏକ ପାର୍ଶ୍ୱରେ ଅବସ୍ଥିତ, ସହରର ଅତି ଗହଳ ଯେଉଁ ସ୍ଥାନମାନଠାରୁ ଲଡ଼୍ଗାକୁ ବର୍ତ୍ତମାନ କମିଶନର କଚେରି ସ୍ଥାନ ସହିତ ତୁଳନା କଲେ ଅତ୍ୟନ୍ତ ବେଶୀ ଦୂର ହେବ ସୁତରାଂ ସାଧାରଣ ଲୋକଙ୍କ, ବିଶେଷତଃ ମାମଲାକାରୀ ଓକିଲ ମୋକ୍ତାର ଓ କର୍ମଚାରୀମାନଙ୍କ ବିଶେଷରେ ଅସୁବିଧା ହେବ। ଲଡ଼୍ଗା ପଡିଆରେ ମିଉନିସିପାଲିଟିର ଗୋଟିଏ ମଇଳା କାର୍ଯ୍ୟ ହୁଅଇ; ୧ମ ଗୋରୁ ହତ୍ୟା, ୨ୟ ସହରର ପଶ୍ଚିମଭାଗର ମଇଳା ପଡିଆର ଏକ ପାର୍ଶ୍ୱରେ ଫୋପଡା ହୁଏ, ୩ୟ ଅତି ସନ୍ନିକଟରେ ଶବ ଦାହ ହୁଅଇ ଓ ପଡିଆଟି ମଧ୍ୟ ଜଳଦୂକ୍ୟ ଓ ସର୍ଯ୍ୟଦରେ ପରିତ୍ୟକ୍ତ ଓ ସବୁକାଷ୍ଟ ଅଫିସ ଏହି ପାର୍ଶ୍ୱରେ ଜନଶୂନ୍ୟ ପଡିଆରେ ହେବାଦ୍ୱାରା ସର୍କାରି କାଗଜ ପତ୍ର ଅପହରଣ ହେବାର ଭୟ ମଧ୍ୟ ଆଇପାରେ। ଏତଦ୍ୱ୍ୟତୀତ ଅନ୍ୟ କାରଣ ମଧ୍ୟ ଅଛି। କିନ୍ତୁ ସବୁ କାରଣ ମଧ୍ୟରେ କହିପାରୁଁ ଯେ ଲଡ଼୍ଗା ମାନନୀୟ କମିଶନର ସାହେବଙ୍କ ଗୃହକୁ ନିକଟ ହୋଇ ପାରେ ଓ ତାଙ୍କଠାରୁ ତାଙ୍କର ବର୍ତ୍ତମାନ ସହକାରୀଙ୍କ ଗୃହର ସନ୍ନିକଟରେ ହେବ। ଆମ୍ଭମାନଙ୍କ ମତରେ କମିଶନର କଚେରି ଲାଲବାଗ ଅଥବା କଲେକ୍ଟରୀ ପଡିଆ ଅଥବା କଲେକ୍ଟରୀ କଚେରିର ପୂର୍ବଦିଗସ୍ଥ କୌଣସି ସ୍ଥାନ କ୍ରୟ କରି ଉକ୍ତ ସ୍ଥାନରେ ଗୃହ ନିର୍ମାଣ କରିବା ଉଚିତ କାରଣ ଯେଉଁ ସ୍ଥାନରେ ଟ୍ରାଇନହଲ ହେବାର କଥା ହେଉଅଛି ଉକ୍ତ ସ୍ଥାନ ପସନ୍ଦ ହେଲେ ସର୍ବସାଧାରଣ ତୃପ୍ତ ହେବେ। ସହର ମଧ୍ୟରେ କୌଣସି ସ୍ଥାନ କ୍ରୟ କରିବାଦ୍ୱାରା ସରକାରଙ୍କୁ ପଡିଆରେ ଘର କରିବା ଅପେକ୍ଷା ଅବଶ୍ୟ ଅଧିକ ଖର୍ଚ୍ଚ ପଡିପାରେ ମାତ୍ର ତାହା ବୋଲି ଏତାବେଳକେ ସହରର ଶେଷପ୍ରାନ୍ତକୁ ଯାଇ ନରକ ନିକଟରେ କଚେରିଘର କରିବା କଦାପି ଯୁକ୍ତିସଙ୍ଗତ ବୋଲି ବୋଲାଯାଇ ନ ପାରେ।

---

## ଭୁବନେଶ୍ୱରର କୀର୍ତ୍ତିରକ୍ଷା।

ଭୁବନେଶ୍ୱରର ଅଲୌକିକ ଏବଂ ଅସାଧାରଣ ପ୍ରସ୍ତରଖଚିତ କାରୁକାର୍ଯ୍ୟପୂର୍ଣ୍ଣ ପ୍ରାଚୀନ ମନ୍ଦିରମାନ ଓଡିଶାର ଗୌରବ ପ୍ରକାଶ ବିଷୟରେ ଅଦ୍ୱିତୀୟ ଏବଂ ଏପରି ସୁଗଠିତ ଏବଂ ସୁଚିତ୍ରିତ ମନ୍ଦିର ଭାରତବର୍ଷରେ ବିରଳ। କାଳକ୍ରମେ ଏ ସମସ୍ତର ଏମନ୍ତ ଶୋଚନୀୟ ଅବସ୍ଥା ଘଟିଅଛି ଯେ ଅଳ୍ପ କାଳରେ ଅଦୃଶ୍ୟ ହେବା ଅସମ୍ଭବ ନୁହେ। ସୁଲକ୍ଷଣରେ ଏ ନଗରର ଜଣେ ସୁପରିଚିତ ଉକିଲ ବାବୁ ପ୍ରସନ୍ନନାଥ ଚଟ୍ଟୋପାଧ୍ୟାୟ ଭୁବନେଶ୍ୱର ମନ୍ଦିରର ସେବା ସମ୍ପତ୍ତିର କାର୍ଯ୍ୟ ନିର୍ବାହ କମିଟିର ଜଣେ ମେମ୍ବର ସ୍ୱରୂପ ନିଯୁକ୍ତ ହୋଇଥିଲେ। ସେ ଉକ୍ତ ପଦରେ ନିଯୋଗ ହେବା ଦିନଠାରୁ ମନ୍ଦିରମାନଙ୍କର ଜୀର୍ଣ୍ଣ ସଂସ୍କାର ବିଷୟରେ ନାନାଚେଷ୍ଟା କରି ସଫଳକାମ ହୋଇ ପରିଶେଷରେ ସୁଯୁକ୍ତିପୂର୍ଣ୍ଣ ଆବେଦନପତ୍ରଦ୍ୱାରା ମାନ୍ୟବର ଛୋଟଲାଟ ସର ଜନଉଡବରନଙ୍କର ଉପରି ସହାନୁଭୂତି ଲାଭ କରିଅଛନ୍ତି ତାହା ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁ। ଏଥିପାଇଁ ପ୍ରିୟ ବାବୁ ଏବଂ ମାନ୍ୟବର ସର ଜନଉଡବରନଙ୍କଠାରେ ସମୁଚିତ ବାକ୍ୟଦ୍ୱାରା ଓଡିଶାବାସୀଙ୍କର କୃତଜ୍ଞତା ପ୍ରକାଶ କରିବା ଅସମ୍ଭବ। ସର୍ବାନ୍ତଃକରଣରେ ସେମାନଙ୍କୁ ଅଶେଷ ଧନ୍ୟବାଦ ଦେବା ଭିନ୍ନ ଆମ୍ଭେ ଆଉ କିଛି କହିବାକୁ ଅକ୍ଷମ। ପ୍ରିୟବାବୁ ଦୁଃଖ ଜଣାଇବାରେ ଅଗ୍ରସର ହୋଇ ସଫଳ ହେଲେ ଏବଂ ମାନ୍ୟବର ସର ଜନ ଉଡବରନ ସେହି ଦୁଃଖ ମୋଚନର ସଦୁପାୟ କରିଦେଲେ। ସୁତରାଂ ଶେଷଲିଖିତ ମହାତ୍ମାଙ୍କର ଯଶ ଶତଗୁଣ ବୃଦ୍ଧି ହେଲା ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ। ପ୍ରାଚୀନ କୀର୍ତ୍ତି ସଂରକ୍ଷଣାର୍ଥେ ସରକାର ବାର୍ଷିକ ବେତେ ଟଙ୍କା ଦାନ କରନ୍ତି। ସେ ଦାନ ଉପରେ ଦାବି ଅନେକଙ୍କର ଥିଲେହେଁ ଛୋଟଲାଟ ବାହାଦୁର ଦୁଃଖିନୀ ଓଡିଶାକୁ ତହିଁରୁ ଗୋଟିଏ ଭାଗ ଦେବାକୁ ସମ୍ମତ ହେଲେ ଏଥିରୁ ସ୍ପଷ୍ଟ ବୁଝା ଯାଉଅଛି ଯେ ଭୁବନେଶ୍ୱରର କୀର୍ତ୍ତିରକ୍ଷାର ଆବଶ୍ୟକତା ସେ ବିଲକ୍ଷଣ ହୃଦୟଙ୍ଗମ କରିଅଛନ୍ତି ଏବଂ ଏହି କୀର୍ତ୍ତି ସଂରକ୍ଷିତ ହେଲେ ସେ ଅତ୍ୟନ୍ତ ଆନନ୍ଦିତ ହେବେ ଏବଂ ତାହାଙ୍କର ନାମ ତହିଁ ସଙ୍ଗେ ଜଡିତ ରହିବ। ଅତଏବ ଯେଉଁ ବଦାନ୍ୟ ଏବଂ ସ୍ୱଦେଶହିତୈଷୀ ମହାଶୟମାନେ ଛୋଟଲାଟଙ୍କ ଶୁଭଗମନ ସ୍ମରଣାର୍ଥେ ଦେଶହିତରେ କାର୍ଯ୍ୟ ବିଶେଷ ନିମନ୍ତେ ଅର୍ଥଦାନ କରିବାକୁ ପ୍ରସ୍ତୁତ ହୋଇଥିଲେ ସେମାନଙ୍କୁ

Digitized by srujanika@gmail.com

...ମ୍ପୂର୍ଣ୍ଣ ପ୍ରାର୍ଥନା କରୁଅଛୁଁ ଯେ ...ଙ୍କର ସଂସ୍କାର ନିମନ୍ତେ ବିଦ୍ୟାଳୟ... କରିବାକୁ ଅଗ୍ରସର ହେଉନ୍ତୁ । ...ସେମାନଙ୍କର ସ୍ୱଦେଶହିତୈଷିତା ... ଉତ୍ତରକାଳଙ୍କର ଶୁଭାଗମନ ପୂରଣ ...ନ୍ନ ହିଁ ହେବ । ଭର୍ଣ୍ଣନେଷ୍ଟୁଲର ... ଟ ୩୦୦୦୯ ଟଙ୍କା ...ଭିଲ ଆୟ ବାଦେ ... ବାର୍ଷିକ ଦେବାର ...ନାହିଁରୁ ଟ ୪୦୦୦୯ ଟଙ୍କା ...ହୋଇଅଛି ତାହା ଯଥେଷ୍ଟ ଓ ସର- ...ଯ୍ୟ ଟ ୪୦୦ ଟଙ୍କା ମିଶି ବାର୍ଷିକ ...୦୯ ମଞ୍ଜୁର ସରକାରେ ଅତିସାମାନ୍ୟ ବୋଲିବାକୁ ହେବ । କାର୍ଯ୍ୟ ଯେପରି ବୃହତ୍ କେତେକବର୍ଷ ପର୍ଯ୍ୟନ୍ତ ବାର୍ଷିକ ଆଠହଜାର ଟଙ୍କା ବ୍ୟୟକଲେ ଅଧିକ ହେବ ନାହିଁ । ସୁତରାଂ ସାଧାରଣ ସାହାଯ୍ୟର ବିଶେଷ ଆବଶ୍ୟକତା ବିଷୟରେ ସନ୍ଦେହ ନାହିଁ । ଗରିବ ଓ ଧନୀ ଦାତାମାନେ ଯଥୋଚିତ ସହାନୁଭୂତି ଦେଖାଇଲେ ଅବଶ୍ୟ କାର୍ଯ୍ୟୋଦ୍ଧାର ହେବ । ଏହି ଆଶାରେ ଏ ... ସେମାନଙ୍କର ମନଯୋଗ ପ୍ରାର୍ଥନା କରୁଅଛୁ ।

---

## ଶିଳ୍ପଶିକ୍ଷାର ଗୋଟିଏ ଉପାୟ ।

ବଙ୍ଗଦେଶର ବାବୁ ରମାକାନ୍ତ ରାୟ ଜାପାନକୁ ଯାଇ ସେଠା ରାଜଧାନୀ ଟୋକିଓ ନଗରରେ ଶିଳ୍ପବିଦ୍ୟା ଶିକ୍ଷା କରୁଅଛନ୍ତି । ତାହାଙ୍କର ଗୋଟିଏ ପତ୍ର ଗତ ନବେମ୍ବରମାସ ତା ୨୨ ରିଖର 'ବେଙ୍ଗଲି' ରେ ପ୍ରକାଶିତ ହୋଇଅଛି ଏବଂ ... ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ସମ୍ପାଦକ ଲେଖିଅଛନ୍ତି । ସେ ସବୁ ପାଠକରି ଆମ୍ଭେମାନେ ଜାଣି ପାରୁଅଛୁଁ ଯେ ଇଉରୋପ ଅପେକ୍ଷା ଜାପାନରେ ଭାରତବାସୀଙ୍କର ଶିଳ୍ପଶିକ୍ଷାର ବିଶେଷ ସୁବିଧା ଅଛି । ଇଉରୋପରେ ରହି ଶିକ୍ଷା କରିବା ବହୁବ୍ୟୟ ସାଧ୍ୟ ଏବଂ ବ୍ୟବସାୟୀମାନେ ବିଦେଶୀୟଙ୍କୁ ଶିକ୍ଷା ଦେବାକୁ ତେତେ ଯତ୍ନବାନ୍ ନନ୍ତି । ଗ୍ଲାଡଷ୍ଟୋନ କହିଥିଲେ ଦୁଇହଜାରରୁ ଉଣା ବ୍ୟୟରେ ଇଂଲଣ୍ଡ ପ୍ରଭୃତି ଦେଶରେ କେହି ରହି ସେଠାରେ ଶିକ୍ଷିତ ହେବା ଅସମ୍ଭବ । ଉନ୍ନତବର୍ଷ ଶିକ୍ଷାକରିବାକୁ ହେଲେ ଯିବା ଆସିବାର ବ୍ୟୟ ସହିତ ୭ ହଜାର ଟଙ୍କାରୁ ଊଣା ହେବ ନାହିଁ । ମାତ୍ର ସମସ୍ତ ... ଜାପାନରେ ଶିକ୍ଷା ନିମନ୍ତେ ... ବର୍ଷ ... 'ଯେଉଁ' ହେସାବ ଦେଇଅଛନ୍ତି ତାହା ... ଟଙ୍କାରୁ ବରଂ ଊଣା ମାତ୍ର ଅଧିକ ନୁହେଁ । ଜାପାନ ଶୀତପ୍ରଧାନ ଦେଶ ହେଲେହେଁ ଗ୍ରୀଷ୍ମକାଳ ସେଠାରେ... ଙ୍କର ପ୍ରଧାନ ଖାଦ୍ୟ ଏବଂ ପରିବା ଆଦି ଭାରତବର୍ଷ ପରି ପ୍ରଚୁର ମିଳଇ । ପୋଷାକ ସହିତ ଏକଜଣର ଯିବାର ଖରଚ ଟ ୩୦୦ ଟଙ୍କା, ଆହାର ଓ ଶିକ୍ଷା ଇତ୍ୟାଦି ଖରଚ ମାସକୁ ଟ ୪୦ ଟଙ୍କାରୁ ଅଧିକ ନୁହେ । ନାନା ପ୍ରକାର ଶିଳ୍ପଶିକ୍ଷା ଦେବାର ବିଦ୍ୟାଳୟମାନ ଅଛି । ଯାହାର ଯାହା ଇଚ୍ଛା ସେ ତାହା ଶିଖିପାରିବ ଏବଂ ବହୁବର୍ଷକୁ ଅଧିକ କାଲ ଶିକ୍ଷା କରିବାକୁ ହେବ ନାହିଁ । ଜାପାନର ଲୋକମାନେ ଭାରତବାସୀଙ୍କୁ ସୁଖ ପାନ୍ତି ଏବଂ ଉତ୍ତମରୂପେ ଜାଣନ୍ତି । ଏହା ଗୋଟିଏ ଉତ୍ତମ ସୁବିଧା । ବଙ୍ଗଳାର ରମାକାନ୍ତଙ୍କ ସହିତ ଗ୍ୱାଲିୟରର ମହାରାଜାଙ୍କ ପ୍ରେରିତ ଦୁଇଜଣ ଶିଳ୍ପଶିକ୍ଷା କରୁଅଛନ୍ତି । ସକଳ ପ୍ରକାର ଶିକ୍ଷାର ବନ୍ଦୋବସ୍ତ ଯଥୋଚିତ ଉତ୍କୃଷ୍ଟ । ଜାପାନ ରାଜଙ୍କର ଏ ବିଷୟରେ ବଡ଼ ଉତ୍ସାହ ଅଛି ଓ ରାଜକୋଷରୁ ବିଦ୍ୟାଳୟର ସମସ୍ତ ବ୍ୟୟ ଦିଆଯାଏ । ସକଳ ବିଦ୍ୟାରେ ଜାପାନୀମାନେ ନିପୁଣ ହୋଇ ନ ଥିବାରୁ ଅବଧି ଇଉରୋପୀୟ କେତେକ ଶିକ୍ଷକ ଅଛନ୍ତି । ମାତ୍ର ଅଳ୍ପଦିନ ଉତ୍ତାରୁ ତାହା ରହିବ ନାହିଁ । ଶିଳ୍ପବିଦ୍ୟାଳୟର ବର୍ଷ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଆରମ୍ଭ ହୁଅଇ । ଯେଉଁମାନେ ଭାରତରୁ ଯିବାକୁ ଇଚ୍ଛା କରିବେ ସେମାନଙ୍କର ମାର୍ଚ୍ଚମାସରେ ଯାତ୍ରା କରିବା ଉଚିତ । କତିପୟ ଦିନ ପୂର୍ବରୁ ଯାଇ ସେଠାରେ ନ ରହିଲେ ସୁବିଧା ହୁଅଇ ନାହିଁ । ଆମ୍ଭେମାନେ ଆଶା କରୁଁ ଗ୍ୱାଲିୟର ମହାରାଜାଙ୍କର ଅନୁକରଣରେ ଭାରତର ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଦୁଇ ଏକ ଜଣ ଲୋକ ଶିକ୍ଷାର୍ଥେ ଜାପାନକୁ ପଠାଇବା ବିଷୟରେ ମନୋଯୋଗୀ ହେବେ । ଏତେ ଦୂରଦେଶକୁ ଯାଇ ଶିକ୍ଷାକରିବାର ବ୍ୟୟ ଏତେ ସ୍ୱଳ୍ପ ଯେ ଗରିବ ଓଡ଼ିଶାର ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ମନୋଯୋଗୀ ହେଲେ ଅନାୟାସରେ ଦୁଇ ଶିଳ୍ପଶିକ୍ଷା ନିମନ୍ତେ ... ଜଣ ଛାତ୍ର ପଠାଇ ପାରନ୍ତି । ଶିଳ୍ପଶିକ୍ଷା ଜାତିର ସାଂସାରିକ ଉନ୍ନତି ଏବଂ ଦେଶର ଶ୍ରୀ ବୃଦ୍ଧିର ସର୍ବୋତ୍କୃଷ୍ଟ ଉପାୟ ଅଟେ । ଏଥିରେ ହେଳା କଲେ ଏ ଦେଶର ଦରିଦ୍ରତା ଦୂରୀଭୂତ ନୁହେଁ ବରଂ କ୍ରମଶଃ ବୃଦ୍ଧି ହେବ । ଦେଶ ହିତୈଷୀମାନେ ଏଥିରେ ଯାହା ବ୍ୟୟ କରିବେ ତାହା ସାର୍ଥକ ହେବ ।

—※—

## କେନ୍ଦ୍ରାପଡ଼ାରେ ବଡ଼ଦିନ ।

କେନ୍ଦ୍ରାପଡ଼ାବାସୀମାନେ ବଡ଼ଦିନର ଦୀର୍ଘକାଲ ବନ୍ଧ ... ନାନାକ୍ରୀଡ଼ା କୌତୁକରେ ଗତ ତ... ହେଲ ... ଅଛନ୍ତି ଏବଂ ପ୍ରତିବର୍ଷ ଏଥର ବଡ଼ ... ଦେଖା ଯାଉଅଛି । କ୍ରୀଡ଼ା ସମିତିର ଆମନ୍ତ୍ରଣରେ ସଦର ଓ ମୋଫସଲର ଅନେକ ସରକାରୀ କର୍ମଚାରୀ ଓ ଅପର ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ଏବଂ ସେମାନେ ଯଥୋଚିତ ଆନନ୍ଦଲାଭ କରିବାର ଦେଖାଗଲା । ତା ୨୩ ରିଖଠାରୁ ଆରମ୍ଭ ହୋଇ ତା ୨୭ ରିଖରେ କ୍ରୀଡ଼ାଦି ଶେଷ ହେଲା । ପ୍ରଥମ ଦୁଇଦିନର କ୍ରିକେଟ ଖେଳ, ଲୁଡ଼ିବା ଦୌଡ଼ିବା ଇତ୍ୟାଦିରେ ସ୍କୁଲ ଛାତ୍ରମାନଙ୍କର ବିଶେଷ ସମ୍ପର୍କ ଥିଲା । କ୍ରିକେଟ ଖେଳ କଟକ ଏବଂ କେନ୍ଦ୍ରାପଡ଼ାର ସ୍କୁଲ ଛାତ୍ରମାନଙ୍କ ମଧ୍ୟରେ ହୋଇଥିଲା ଏବଂ ତହିଁରେ ଯଦ୍ୟପି ଓ କଟକ ଛାତ୍ରମାନେ ଜୟଲାଭ କଲେ ମାତ୍ର କଟକ ଛାତ୍ରର ଅଧିକାଂଶ ସରଭେଷ୍ଟ୍ ଲର ବଡ଼ ବଡ଼ ଥିବାରୁ ଯୁଦ୍ଧଟା ଅସମାନ ପଡ଼ି ଯାଇଥିଲା । ତୃତୀୟ ଦିନ ରବିବାର ସକାଳେ ଏବଂ ଅପରାହ୍ନରେ ବାଡ଼ଡିଆ ଦୌଡ଼ ଘୋଡ଼ଆ ଦୌଡ଼ ଅଶ୍ୱାରୋହଣେ ପକ୍ଷି ଦୌଡ଼, ବାଙ୍ଗୁଡ଼ଖେଳ, ସନ୍ତରଣ ଇତ୍ୟାଦିରେ ଅଧିକାଂଶ ଦାଣ୍ଡଲୋକର ପ୍ରତିଯୋଗିତା ଥିଲା ଏବଂ ସେ ସବୁରେ ଦର୍ଶକମାନଙ୍କର ବଡ଼ କୌତୁକ ହୋଇଥିଲା । ଏହିଦିନ ସନ୍ଧ୍ୟା ସମୟରେ ସ୍କୁଲର ଛାତ୍ରମାନେ ଗୋଟିଏ ଇଂରାଜୀ ନାଟକର କିଛିଅଂଶ ଅଭିନୟ ଦେଖାଇଥିଲେ ଏବଂ ତାହା ମଧ୍ୟ ସୁନ୍ଦର ହୋଇଥିଲା । ଚତୁର୍ଥ ବା ଶେଷଦିନ ସକାଳେ ଘୋଡ଼ାଦୌଡ଼ ପଲଙ୍କଦୌଡ଼ ଏବଂ ବାଉଁଳରେ ଲମ୍ଫ ଦିବା ଏହି ତିନିକାର୍ଯ୍ୟ ହୋଇ କ୍ରୀଡ଼ା ଶେଷ ହେଲା । ଏଦିନ ଅପରାହ୍ନରେ ବଙ୍ଗଳାରୁ ନିମନ୍ତ୍ରିତ ହୋଇ ଆସିଥିବା ପଣ୍ଡିତ ଅମ୍ବିକାଚରଣ ବିଦ୍ୟାରତ୍ନଙ୍କର ଧର୍ମବିଷୟକ ବକ୍ତୃତା ହେଲା । ପଣ୍ଡିତ ମହାଶୟ ଭକ୍ତି ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ସେ ଘ ୪ ଟା ବେଳେ ଆରମ୍ଭ କରି ଘ ୭ ଟା ପର୍ଯ୍ୟନ୍ତ ବଙ୍ଗଳାଭାଷାରେ ଯେ କଥା କହିଥିଲେ ସେ ସମସ୍ତ ସ୍ମୃତି ପୁରାଣ ଇତ୍ୟାଦି ଶାସ୍ତ୍ର ପ୍ରମାଣଦ୍ୱାରା ପ୍ରତିପନ୍ନ କରିଥିଲେ ଏବଂ ତାହାଙ୍କର ସରସ ଉପଦେଶ ଓ ସୁଯୁକ୍ତି ପୂର୍ଣ୍ଣ ବକ୍ତୃତା ପ୍ରାୟ ୨।୦ ଶହ ଶ୍ରୋତା ଏମନ୍ତ ନିସ୍ତବ୍ଧ ଭାବରେ ଶୁଣୁଥିଲେ ଯେମନ୍ତ କି ସମସ୍ତଙ୍କ ମନରେ ସେ ସବୁ ମୁଦ୍ରିତ ହୋଇ ଯାଉଥିଲା । ବକ୍ତୃତା ଶେଷ ହେଲାରୁ ତହିଁ ଆରଦିନ ଆଉ ଗୋଟିଏ ବକ୍ତୃତା ପ୍ରଦାନ କରିବା ନିମନ୍ତେ ପଣ୍ଡିତ ମହାଶୟଙ୍କୁ ସମସ୍ତେ ଏକବାକ୍ୟରେ ବାରମ୍ବାର ଅତ୍ୟନ୍ତ ବିନୟ ଭାବରେ ଅନୁରୋଧ

Split by PDF Splitter

Digitized by srujanika@gmail.com

କରିବାଦ୍ୱାରା ତାହାଙ୍କର ଉପଦେଶ ସର୍ବସାଧାରଣଙ୍କର ମନକୁ ଅତ୍ୟନ୍ତ ଆକର୍ଷଣ କରିବାର ଜଣାଗଲା । ବାସ୍ତବରେ ପଣ୍ଡିତ ମହାଶୟ ଜଣେ ଭାରି ବିଦ୍ୱାନ୍ ଏବଂ ସୁବକ୍ତା ଅଟନ୍ତି । ଏପରି ସଙ୍ଗୀତର ଚର୍ଚ୍ଚା ନିମନ୍ତେ କଲିକତାରୁ ଗୋଟିଏ ସଙ୍କୀର୍ତ୍ତନଦଳ ଆନୀତ ହୋଇଥିଲା ଏବଂ ତଦନନ୍ତର ଅର୍ଥାତ୍ ଏକସପ୍ତ ସମିତିର ମଣ୍ଡପରେ ସେହି ଦଳ ଏବଂ ଅନ୍ୟ ଦୁଇରାତ୍ର ଯଥାକ୍ରମେ ବାବୁ ବଳରାମ ତ୍ରିମରିକର ଏବଂ ବାବୁ ଲକ୍ଷ୍ମୀନାରାୟଣ ଜଗଦେବଙ୍କ ଗୃହଠାରେ ସଙ୍କୀର୍ତ୍ତନ କରି ଲୋକଙ୍କର ଆମୋଦ ବଢ଼ାଇଥିଲେ । ଏ ଦଳର ଗାୟକମାନଙ୍କ ଦୁଇଜଣ ସ୍ତ୍ରୀ ଏବଂ ବାଦ୍ୟକାର ପୁରୁଷମାନଙ୍କଦ୍ୱାରା ନିର୍ବାହ ହୋଇଥିଲା । ସମସ୍ତେ ଆପଣା୨ କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିବାର ଦେଖାଗଲା, ଏ ସମସ୍ତ ଆମୋଦ ପ୍ରମୋଦର ସୁବନ୍ଦୋବସ୍ତ ଏବଂ ସଫଳତା ନିମନ୍ତେ ଆମ୍ଭେମାନେ ହେଡ୍ ପଣ୍ଡିତ ସଂପ୍ରତି ଏବଂ ତାହାଙ୍କର ସୁଯୋଗ୍ୟ ସହୋଦର ପୋଷ୍ଟାଲ ସବଓଭରସିଅର ବାବୁ ତାରାପ୍ରସନ୍ନ ଅଗ୍ରଧ୍ୟଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁ । ଅଗ୍ରଧ୍ୟ ମହାଶୟ ଯେମନ୍ତ ସରକାରୀ କାର୍ଯ୍ୟରେ ତେମନ୍ତ ଏସମସ୍ତ ବିଷୟରେ ଅତ୍ୟନ୍ତ ଉତ୍ସାହୀ କର୍ତ୍ତବ୍ୟପରାୟଣ ଏବଂ ବିବେକ ଅଟନ୍ତି । ଶେଷ ରାତିରେ ସେ ଆପଣା ଗୃହଠାରୁ ନଗରବାସୀ ଏବଂ ଆଗନ୍ତୁକ ଦୁଇଶତାଧିକ ଭଦ୍ରଲୋକଙ୍କୁ ନିମନ୍ତ୍ରଣ କରି ଉତ୍ତମ ଭୋଜି ଦେଇ ଏହି ଉତ୍ସବ ଶେଷ କଲେ ଏବଂ ସମସ୍ତେ ବିଦାୟ ହୋଇ ଆସିଲେ ।

---

### ପୁରସ୍କାର ଦାନରେ ଜାତି ବିଚାର ।

ଜନସାଧାରଣଙ୍କୁ ବିଦ୍ୟାଶିକ୍ଷା ଦେବା ନିମନ୍ତେ ବର୍ତ୍ତମାନ୍ ଇଂରାଜ ଗବର୍ଣ୍ଣମେଣ୍ଟ ସ୍ଥାନେ ସ୍ଥାନେ ନିଜ ବ୍ୟୟ ଓ ସାହାଯ୍ୟଦାନଦ୍ୱାରା ଇଂରାଜୀ ଓ ଦେଶୀୟ ବିଦ୍ୟାଳୟମାନ ସ୍ଥାପନ କରିଅଛନ୍ତି ଏବଂ ଛାତ୍ରମାନଙ୍କ ଉତ୍ସାହ ନିମନ୍ତେ ବାର୍ଷିକ ପୁରସ୍କାର ଦାନର ବିଧାନ କରିଅଛନ୍ତି । ପ୍ରକାଶ୍ୟ ସଭାରେ ପୁରସ୍କାର ବିତରଣ ହୁଏଇ ଏବଂ ସରକାରୀ ପୁରସ୍କାର ଛଡ଼ା ବେଳେ୨ କେହି କେହି ଉପସ୍ଥିତ ଭଦ୍ରଲୋକ ମଧ୍ୟ ପୁରସ୍କାର ଦିଅନ୍ତି । ବାଲେଶ୍ୱର ଜିଲ୍ଲା ସ୍କୁଲର ପୁରସ୍କାର ବିତରଣ ସମୟରେ ପ୍ରତିବର୍ଷ କେହି କେହି ଭଦ୍ରଲୋକ ପୁରସ୍କାର ଦେବା ପାଠକମାନଙ୍କୁ ଜଣା ଅଛି ।

ଏଠା କଲେଜ ଏଣ୍ଟ୍ରାନ୍ସ ସ୍କୁଲରେ ଗତ କେତେକ ବର୍ଷ ହେଲା ଏ ନଗରବାସୀ ରାୟ ଯୋଗେଶ୍ୱରଚନ୍ଦ୍ର ବାହାଦୁରଙ୍କ ଛଡ଼ା ଆଉ କେହି ପୁରସ୍କାର ଦେବା ବିଷୟରେ ଅଗ୍ରସର ହେବାର ଦେଖାଯାଇ ନ ଥିଲା । ମାନ୍ୟବର ଛୋଟଲାଟ ସର ରିଭରସନଙ୍କ ସଭାପତିତ୍ୱରେ ଏଥର ପୁରସ୍କାର ବଣ୍ଟନ ସମୟରେ ପ୍ରଶଂସିତ ରାୟ ବାହାଦୁରଙ୍କ ଛଡ଼ା ସ୍ୱୟଂ ସଭାପତି ଏବଂ ଦୁଇଜଣ ମୁସଲମାନ ଭଦ୍ରଲୋକ ପୁରସ୍କାର ଦାନ କରି ସର୍ବସାଧାରଣଙ୍କର ବିଶେଷ କୃତଜ୍ଞଭାଜନ ହୋଇଅଛନ୍ତି ଏବଂ ଯଥା ସମୟରେ ପାଠକମାନଙ୍କୁ ସେ ସମ୍ବାଦ ଦେଇ ଆମ୍ଭେମାନେ ଆନନ୍ଦ ପ୍ରକାଶ କରିଅଛୁଁ । ରାୟ ଯୋଗେଶ୍ୱରଚନ୍ଦ୍ର ବାହାଦୁର ବାର୍ଷିକ ପୁରସ୍କାର ନିମନ୍ତେ ଟ ୫୦୦ ଟଙ୍କା ଦାନ କରିଅଛନ୍ତି ତହିଁର ଆୟ ଜାତି ଧର୍ମ ନିର୍ବିଶେଷରେ କେବଳ ସର୍ବାପେକ୍ଷା ଅଧିକ ଯୋଗ୍ୟ ଛାତ୍ର ପ୍ରାପ୍ୟ ବୋଲି ନିୟମ କରିଥିବାରୁ ସେ ବିଷୟରେ କୌଣସି ମତାନ୍ତର ନାହିଁ । ଏହିପରି ଉଦାର ଭାବରେ ସାଧାରଣ ବିଦ୍ୟାଳୟରେ ପୁରସ୍କାର ଦେବା ପ୍ରଶସ୍ତ ଅଟେ । ମାତ୍ର ମାନ୍ୟବର ସର ରିଭରସନଙ୍କ ପୁରସ୍କାର କେବଳ ଓଡ଼ିଆଙ୍କ ନିମନ୍ତେ ଏବଂ ଅନ୍ୟ ପୁରସ୍କାର କେବଳ ମୁସଲମାନମାନଙ୍କ ନିମନ୍ତେ ପ୍ରଦତ୍ତ ହୋଇଥିବାର ଦେଖି ଆମ୍ଭେମାନେ ସଂଶୟାପନ୍ନ ହୋଇଅଛୁଁ । ହୁଗଲୀ କଲେଜର ଯେଉଁ ମୁସଲମାନ ଛାତ୍ର 'ସଲଭନ୍ତି' ବିଷୟରେ ସର୍ବୋତ୍ତମ ପ୍ରବନ୍ଧ ଲେଖିବ ସେ ମଉଲବୀ ମହମ୍ମଦ ନଜିବଙ୍କ ପ୍ରଦତ୍ତ ଟ ୬୦ ଟଙ୍କା ପୁରସ୍କାର ପାଇବ ଏବଂ ମୁସଲମାନ ଛାତ୍ରଙ୍କ ମଧ୍ୟରେ ଯେଉଁମାନେ ବି, ଏ, ଏଫ୍, ଏ, ଏବଂ ପ୍ରବେଶିକା ପରୀକ୍ଷାରେ ପ୍ରଥମ ହେବେ ସେମାନେ ଯଥାକ୍ରମେ ଟ ୨୦, ଟ ୧୫ ଏବଂ ଟ ୧୦ ଟଙ୍କା ପୁରସ୍କାର ମୁନସି ମହମ୍ମଦ ମଜହରଙ୍କ ପ୍ରଦତ୍ତ ଟ ୪୫ ଟଙ୍କା ମଧ୍ୟ ପାଇବେ । ଏହି ଦୁଇ ସ୍ଥଳେ ପ୍ରତିଯୋଗିତା କେବଳ ଗୋଟିଏ ଜାତି ମଧ୍ୟରେ ଆବଦ୍ଧ ରହିବା ସ୍ଥଳେ ସାଧାରଣ ପ୍ରତିଯୋଗିତାରେ ଶିକ୍ଷାର ଉନ୍ନତି ଯେମନ୍ତ ହେବା ଉଚିତ ତେମନ୍ତ ହୋଇ ପାରିବ ନାହିଁ । ଏକଜାତି ଅନ୍ୟ ଜାତିର ସମକକ୍ଷ ଅଥବା ଉତ୍କୃଷ୍ଟ ହେବ ବୋଲି ଚେଷ୍ଟା ହେବା ବାଞ୍ଛନୀୟ ଏବଂ ତାହାର ପ୍ରବୃତ୍ତି ଉଚିତ । ଏକଜାତି ମଧ୍ୟରେ ଅବଶ୍ୟ ଜଣେ ଅନ୍ୟଠାରୁ ଭଲ ହେବ ମାତ୍ର ଯେବେ ଅପର ଜାତିଠାରୁ ନିକୃଷ୍ଟ ହେଲେ ତେବେ ତହିଁରେ ଲ[illegible] ମଣ୍ଡଳର ଉଦାହରଣ ଏଠାରେ [illegible] କି ? ମୁସଲମାନ ଭ୍ରାତାମାନଙ୍କୁ ଏ [illegible] କରିବାକୁ ଅନୁରୋଧ କରୁଅଛୁଁ । ଏମ[illegible] ହେବାଠାରୁ ମୁକାମ ଗଭର ସ[illegible] ସାହାଯ୍ୟ ଦେଇ ପଢ଼ାଇବା ଅଧିକ [illegible] ଅବଶ୍ୟ ସ୍ୱୀକାର କରିବାକୁ ହେବ । ମା[illegible] ବଙ୍ଗେଶ୍ୱରଙ୍କର ପୁରସ୍କାର କି ନିୟମରେ [illegible] ଯିବ ତାହା ପ୍ରକାଶ ହେବା ପର୍ଯ୍ୟନ୍ତ [illegible] ମଧ୍ୟରେ ଏତଦ୍ଦେଶୀୟ ମୁସଲମାନ, [illegible] ପଶ୍ଚିମା, ମରହଟ୍ଟା, ତେଲଙ୍ଗା ପ୍ରଭୃତି ଯେଉଁମାନେ ଦୀର୍ଘ କାଳରୁ ଭାରତର ଭିନ୍ନ ପ୍ରଦେଶରୁ ଓଡ଼ିଶାକୁ ଆସି ପୁରୁଷାନୁକ୍ରମେ ବାସ କରି ଏଠାରେ ଅଧିବାସୀ ହୋଇଅଛନ୍ତି ସେମାନେ ପରିଗଣିତ ହେବେ କି ନାହିଁ ଠିକ କହି ନ ପାରୁଁ । ମାତ୍ର ଯେତେ ପ୍ରଶସ୍ତ ଅର୍ଥରେ ତାହା ବ୍ୟବହାର କରିଥିଲେହେଁ ମାନ୍ୟବର ମହୋଦୟ ଗବର୍ଣ୍ଣମେଣ୍ଟଙ୍କର ସ୍ଥାନୀୟ ପ୍ରତିନିଧି ହୋଇଥିବା ସ୍ଥଳେ ସକଳ ଲୋକଙ୍କ ଶିକ୍ଷା ନିମନ୍ତେ ସ୍ଥାପିତ ହୋଇଥିବା କଲେଜର ଛାତ୍ରମାନଙ୍କ ମଧ୍ୟରୁ ଗୋଟିଏ ଜାତିକୁ ବିଶେଷ ଉତ୍ସାହ ଦେବା ଆମ୍ଭମାନଙ୍କର କ୍ଷୁଦ୍ର ବିବେଚନାରେ ସୁସଙ୍ଗତ ବୋଧ ହେଉ ନାହିଁ । ଓଡ଼ିଶାର କଲେଜରେ ଓଡ଼ିଆମାନଙ୍କ ଛଡ଼ା ଆଉ କେହି ପଢ଼ିବେ ନାହିଁ ମାନ୍ୟବର ମହୋଦୟଙ୍କର ଏମନ୍ତ ଅଭିପ୍ରାୟ ହୋଇ ନ ପାରେ ଏବଂ ଗବର୍ଣ୍ଣମେଣ୍ଟଙ୍କର ସେପରି ଅଭିପ୍ରାୟ ନୁହେ । ତେବେ ପୁରସ୍କାର ଦେବାରେ ଜାତି ବାଛିବା କାହିଁକି ? ସେପରି କାରଣ ଉନ୍ନତିର ପ୍ରତିକୂଳ ବରଂ ଅନୁକୂଳ ନୁହେ । ମାନ୍ୟବର ମହୋଦୟ ଓଡ଼ିଆଙ୍କୁ ପଶ୍ଚାତପଦ ଦେଖି ବିଶେଷ ପୁରସ୍କାର ପ୍ରଦାନଦ୍ୱାରା ସେମାନଙ୍କ ଉନ୍ନତି ନିମନ୍ତେ ଅଧିକ ମନୋଯୋଗୀ ଥିବାର ପରିଚୟ ଦେବାରୁ ଆମ୍ଭେମାନେ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ । ଆମ୍ଭମାନଙ୍କର ବକ୍ତବ୍ୟ ଏହି କି ସେହି ସାଧୁ ଇଚ୍ଛା ସଫଳ ହେବାର ଉତ୍ତମ ଉପାୟ ମୁସଲମାନଙ୍କ ପରି ଓଡ଼ିଆମାନଙ୍କ ସକାଶେ କେତେଗୁଡ଼ିଏ ବିଶେଷ ବୃତ୍ତି ସ୍ଥାପନ କରିବା କି ଯଦ୍ଦ୍ୱାରା ଗରିବ ଛାତ୍ରମାନେ ଉଚ୍ଚ ଶିକ୍ଷା ଲାଭ କରିବାକୁ ସମର୍ଥ ହେବେ । ପୁରସ୍କାରଦ୍ୱାରା ସେ ଫଳ ହେବ ନାହିଁ ବରଂ ଜାତି ବିଶେଷରେ ତାହା ଅବ[illegible]

Split by PDF Splitter
Digitized by srujanika@gmail.com

...ଉପଯୋଗିତା ହେତୁ ସର୍ବୋଚ୍ଚ ...ର ଅଙ୍କ ହ୍ରାସ ହେବ।

---

## ...ହିକ ସମ୍ବାଦ।

କଲିକତା ଗେଜେଟ।

...ଏ, ଉ, ବ୍ରାଉନ କଟେକ୍ଟବଲ କଟକ ...ପଦରେ ନିଯୁକ୍ତ ହୋଇଅଛନ୍ତି ଓ କଟକ ...ସଂ ପ୍ରାଇସଙ୍କ କାର୍ଯ୍ୟ ଭରତ ଗବର୍ଣ୍ଣମେଣ୍ଟଙ୍କ ...ରେ ...ସ୍ତ ହୋଇଅଛି।

ବାଲେଶ୍ୱର ...ର ହେଡ଼ର ଅବୈତନିକ ମାଜିଷ୍ଟ୍ରେଟ ...ବୁ ସଚ୍ଚିଦାନନ୍ଦ ...ବ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ...ପ୍ତ ହୋଇଅଛନ୍ତି ଓ ମାଜିଷ୍ଟ୍ରେଟଙ୍କଦ୍ୱାରା ପ୍ରେରିତ ମୋକ- ...ମା ଏକାକୀ ବିଚାର କରିବାର କ୍ଷମତା ପାଇଅଛନ୍ତି।

...ମୌଲବୀ ସୟଦ ଅବଦୁଲଗଫୁର ବି ଏ ବାଲେଶ୍ୱର ଜିଲ୍ଲା ...ସ୍କୁଲ ଶିକ୍ଷକପଦରେ ଅନ୍ୟାଦେଶପର୍ଯ୍ୟନ୍ତ ନିଯୁକ୍ତ ରହିବେ।

୧୮୯୮ ସାଲର ...ତ ୧ମ ପରୀକ୍ଷାରେ ନିମ୍ନଲିଖିତ ...ଓ ଶିକ୍ଷକମାନେ ବୃତ୍ତି ପ୍ରାପ୍ତ ହୋଇଅଛନ୍ତି।

| ...ମାନଙ୍କର ନାମ | | ମାସିକ ବୃତ୍ତି |
|---|---|---|
| ...ମଦନମହାପାତ୍ର | ଓଡ଼ିଶାସଂସ୍କୃତସମିତି ୨ବର୍ଷନିମନ୍ତେ | ଟ [illegible] |
| ...ନାଥ ଉଦଗାତା | ବାଲେଶ୍ୱର " | ଟ [illegible] |
| ...ନାଥ ରଥ | ଜଗନ୍ନାଥ ସମିତି ପୁରୀ " | ଟ ୪ |
| ...ଗନ୍ନାଥ ମିଶ୍ର | " | ଟ [illegible] |

ଶିକ୍ଷକମାନଙ୍କର ନାମ।

| | | |
|---|---|---|
| ...ବଳଭଦ୍ର ବିଦ୍ୟାଭୂଷଣ | ବାଲେଶ୍ୱର ସଂସ୍କୃତ ସମିତି | ଟ ୭ |
| ...ମହେଶ୍ୱର ମହାପାତ୍ର | ଓଡ଼ିଶା ସଂସ୍କୃତ ସମିତି | ଟ ୭ |
| ...ଚରଣ ତର୍କତର୍କତୀର୍ଥ | ଜଗନ୍ନାଥସମିତି ପୁରୀ | ଟ ୭ |
| ...ଚରଣ ବିଦ୍ୟାସାଗର | ବାଲେଶ୍ୱର ସଂସ୍କୃତସମିତି | ଟ ୭ |
| ... ବିଦ୍ୟାଭୂଷଣ | ଓଡ଼ିଶା ସଂସ୍କୃତସମିତି | ଟ ୭ |
| ...ଯୋଗେନ୍ଦ୍ର ମିଶ୍ର | ଜଗନ୍ନାଥ ସମିତି ପୁରୀ | ଟ ୭ |

ସଂସ୍କୃତ ୨ୟ ପରୀକ୍ଷାରେ ନିମ୍ନଲିଖିତ ଶିକ୍ଷକ- ମାନେ ବୃତ୍ତିଲାଭ କରିଅଛନ୍ତି।

| | | |
|---|---|---|
| ...ଗଦାଧର ତ୍ରିପାଠୀ | ଜଗନ୍ନାଥସମିତି ପୁରୀ | ଟ ୧୨ |
| ...ଦ କାବ୍ୟତୀର୍ଥ | ଓଡ଼ିଶା ସଂସ୍କୃତ ସମିତି | ଟ ୧୦ |
| ...ଥ ମହାପାତ୍ର | ଜଗନ୍ନାଥସମିତି ପୁରୀ | ଟ ୧୦ |
| ... ଷଡ଼ଙ୍ଗୀ | ବାଲେଶ୍ୱର ସଂସ୍କୃତସମିତି | ଟ ୧୦ |

କଟକ ମିଉନିସିପାଲିଟୀର ୬ ୮ ମ୍ବର ୱାର୍ଡ଼ରେ ଗୋଟିଏ ମିଉନିସପାଲ କମିସନରଙ୍କ ନିର୍ବାଚନ ନିମନ୍ତେ ପୁନଃ ନିର୍ବାଚନ ହେବାପାଇଁ ଆଗାମୀ ଜାନୁୟାରୀ ମାସ ତା ୭ ଦିନ ନିର୍ଦ୍ଧାର୍ଯ୍ୟ ହୋଇଅଛି।

---

ଏ ସପ୍ତାହରେ ଆକାଶ ମେଘାଚ୍ଛନ୍ନ ହୋଇ ଥିବାରୁ ଶୀତ ଅନେକ ପରିମାଣରେ ହ୍ରାସ ପାଇଅଛି। ମାତ୍ର ବର୍ଷା ସଙ୍ଗେ ଅଟେ ଦେଖା ନାହିଁ। ଅସ୍ମଦାଦିମାନେ ଏ ପର୍ଯ୍ୟନ୍ତ ବୁଝି ପାରୁ ନାହିଁ। ଜଗନ୍ନାଥ ଜଣନ୍ତି ବଙ୍ଗଳ ଅମାବସ୍ୟା ଶ୍ଳେଗ ମଲ- ମାସ ଯୋଗେ ହ୍ରାସ ଯାଇଥିବାରୁ ଅନ୍ୟ ଗଣନାକ କରିବା କୁ ବିଳମ୍ବ ହୋଇ ଅଛି ପରା?

ମାନ୍ଦ୍ରାଜ ଦ୍ୱୀପର ପ୍ରଧାନ ନଗର ଟମାଟୋଇଠାରେ ମହାମାରୀ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ। ଏପର୍ଯ୍ୟନ୍ତ କେବଳ ଦେଶୀୟ ଲୋକେ ଉକ୍ତ ରୋଗଦ୍ୱାରା ଆକ୍ରାନ୍ତ ହେଉ ଅଛନ୍ତି ଏବଂ ରୋଗୀମାନଙ୍କୁ ଅଲଗା ରଖିବାର ନିୟମାବଳୀ କଠିନ ରୂପେ ପ୍ରଚଳିତ ହେଉଅଛି।

କାରବାରଠାରେ ସରକାରୀ ଖଜଣାଖାନାରୁ ଟ ୩୦ ହଜାର ଅପହାର କରିଥିବା ଅଭିଯୋଗରେ ସେଠା ଡେପୁଟି କଲେକ୍ଟରଙ୍କ ଅଧୀନସ୍ଥ ନ ୩ ଣ କର୍ମଚାରୀ ସସପେଣ୍ଡ ହୋଇଅଛନ୍ତି। ଏତେ ଦେଖି ଶୁଣି ସୁଦ୍ଧା ସମସ୍ତେ ଅମଲମାନେ ସରକାରୀ ଟଙ୍କା ଅପହାର କରିବାରୁ କ୍ଷାନ୍ତ ହେଉ ନାହାନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ।

ଜର୍ମାନୀ ସୈନିକସଂଖ୍ୟା ଅନୁନ ୫୦୦୦୦ ବୃଦ୍ଧି ହେବାର ପ୍ରସ୍ତାବ ହୋଇଅଛି। ତୋପ ମଧ୍ୟ ଗୋ ୫୦ଟି ଅଧିକ ହେବ। ପାଶ୍ଚାତ୍ୟ ରଜାମାନେ ସମସ୍ତେ ଯେପରି ସୈନିକ ସଂଖ୍ୟା ବଢ଼ା- ଇବାରେ ବ୍ୟସ୍ତ ହୋଇଅଛନ୍ତି ଏଥିରେ ଶୀଘ୍ର ଯୁଦ୍ଧ ଲାଗିଯିବ। ଆଶ୍ଚର୍ଯ୍ୟର ବିଷୟ ନୁହେ।

ଗତମାସ ତା ୧ ଦିନରେ ଅମୃତସହରଠାରେ ସାମାନ୍ୟ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳଇ।

ଆଗାମୀବର୍ଷର ଆରମ୍ଭରେ ବୋମ୍ବାଇଠାରେ କୃଷିଶିଳ୍ପ- ପ୍ରଦର୍ଶନୀ ହେବାର ପ୍ରସ୍ତାବ ହୋଇଅଛି। ଏହା ସେ ଅଞ୍ଚଳରେ ନୂତନ କଥା ଅଟଇ। ବୋମ୍ବାଇଠାରେ ବର୍ତ୍ତମାନ ମହାମାରୀର ପ୍ରାଦୁର୍ଭାବ ଅଧିକରୂପେ ଚାଲୁଥିବାରୁ କୃଷିଶିଳ୍ପ ପ୍ରଦର୍ଶନୀ ନ କରି ମୂଷା ପ୍ରଦର୍ଶନୀ କରିଥିଲେ ଭଲ ହୋଇ ନ ଥାନ୍ତା କି?

ରେଲଓଏବାର ଭାଡ଼ା କମାଇବା ସାଧାରଣ ଡାକଘରର ସଙ୍ଗେ ମିଳାଇଦେବାର ଗବର୍ଣ୍ଣମେଣ୍ଟରୁ ପ୍ରସ୍ତାବ ହୋଇ ବର୍ତ୍ତମାନ ମୁଲତାନଠାରେ ତହିଁର କାର୍ଯ୍ୟକାରିତା ପରୀକ୍ଷିତ ହେଉଅଛି। ପରୀକ୍ଷାରେ ଫଳ ଅନୁକୂଳ ହେଲେ ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହେବ।

କଲିକତାଠାରେ ଗୋଟିଏ ବ ୩ ବର୍ଷର ବାଳକ। ଫୁଟବଲ ଖେଳ ଖେଳୁଥିବା ସମୟରେ କରସିନ ଲେମ୍ପ ଜାଳି- ବାକୁ ଯାଇ ଏମନ୍ତ ଭାବରେ ପୋଡ଼ିଗଲା ଯେ ଅଳ୍ପକ୍ଷଣଭିତରୁ ତାହାର ମୃତ୍ୟୁ ହୋଇଥିବାର ସମ୍ବାଦ ମିଳଇ। ପିଲାଙ୍କୁ ଖେଳିବାକୁ ଛାଡ଼ି ଦେବା କଦାପି ଉଚିତ ନୁହେ।

କଲିକତା ମେଡ଼ିକେଲ କଲେଜର ପଞ୍ଚମବର୍ଷୀୟ ଶ୍ରେଣୀର ଜଣେ ଛାତ୍ର ମଡ଼ା କାଟିବା ସମୟରେ ତାହାର ଅଙ୍ଗୁଳି ଏମନ୍ତ କଷ୍ଟକ ହୋଇଗଲା ଯେ ଏକ ସପ୍ତାହମଧ୍ୟରେ ତାହାର ମୃତ୍ୟୁ ଘଟିଲା। ଉକ୍ତ କଲେଜ ହସପାତାଲରେ ନାନାପ୍ରକାର ଚିକିତ୍ସା କରାଯାଇଥିଲା ମାତ୍ର କାହିଁରେ କିଛି ଫଳ ହେଲା ନାହିଁ ଅନେକଗୁଡ଼ିଏ ସ୍କୁଲଛାତ୍ର ମୃତ ଦେହ ସତ୍କାର କରଣାର୍ଥ ମେଡ଼ିକେଲସ୍କୁଲରୁ ଶ୍ମଶାନକୁ ଯାଇଥିଲେ। ମଡ଼ା କାଟିବା ସମୟରେ ଅତ୍ୟନ୍ତ ସାବଧାନ ହୋଇ ରହିବା ଉଚିତ।

---

ସେଣ୍ଟ ଅବଦୁଲ୍ଲା ନାମକ ଅଗ୍ରା ମିଉନିସିପାଲିଟୀର ଜଣେ କମିସନରଙ୍କ ନାମରେ ମିଉନିସିପାଲିଟୀର କରୁ ପରିବର୍ତ୍ତନ କରିଥିବା ସମ୍ବନ୍ଧରେ ଦଣ୍ଡବିଧି ଆଇନର ଦ ୧୯୩ ଧାରାମତେ ମୋକଦ୍ଦମା ଅଗର ହୋଇଥିବାର ସମ୍ବାଦ ମିଳଇ। ଅଗ୍ରା- ଠାରେ ଏ ଘେନି ବିଶେଷ ଆନ୍ଦୋଳନ ଉପସ୍ଥିତ ହୋଇଅଛି।

ନୂତନ ଉପାଧିପ୍ରାପ୍ତ ଲୋକମାନଙ୍କୁ ଉପାଧି ବିତରଣକରଣାର୍ଥ କଲିକତା ବେଲଭେଡ଼ିୟର ହୋଠିଠାରେ ଲେଫ୍‌ଟେଣ୍ଟ ଗବର୍ଣ୍ଣ- ରଙ୍କ ଗତମାସ ତା ୧୬ ଦିନରେ ଦରବାର କରି ଉପାଧି ବିତରଣ କରିଥିବାର ସମ୍ବାଦ ମିଳଇ। ପ୍ରଭୂତ ଆଡ଼ମ୍ବର ସହିତରେ ଦରବାରର କାର୍ଯ୍ୟ ସମ୍ପାଦିତ ହୋଇଥିଲା।

କଲିକତାର ଜଣେ ମୁସଲମାନ ଅନେକଦିନ ହେଲା ଗୋରୁ ଚୋରି କରିବାର ବ୍ୟବସାୟ କରିଥିଲା। ବର୍ତ୍ତମାନ ସେ ବ୍ୟକ୍ତି ଧରା ହୋଇ ଦୁଇବର୍ଷ କଠିନ ପରିଶ୍ରମ ସହିତ କାରାଦଣ୍ଡ ପାଇଅଛି। ଅନେକ ଗୁଡ଼ିଏ ଗୋରୁ ତାହାଠାରୁ ବାହାର ହୋଇଅଛି।

ଗ୍ରେଟ ଇଣ୍ଡିୟାନ ରେଲୱେରେ କେଉଁଠାରେ ଦୁଇଗୋଟି ଗାଡ଼ି ଧକ୍କା ବାଜିଥିବାର ସମ୍ବାଦ ମିଳଇ। ଉଭୟ ଗାଡ଼ିର କଳ ଚୂର୍ଣ୍ଣଚୂର ହୋଇ ଯାଇଅଛି। ସୌଭାଗ୍ୟକ୍ରମେ କୌଣସି ଲୋକ ନଷ୍ଟ ହୋଇ ନାହିଁ। କେବଳ ମାଲଗାଡ଼ିର ଜଣେ ଲୋକ କିଛି ଆଘାତ ପାଇଅଛି।

କଟକଗୋଡ଼ାରେ ଗତ ଅକ୍ଟୋବର ମାସରେ ଯେଉଁ ରେଲ ଦୁର୍ଘଟନା ହୋଇଥିଲା ପୁନାଠାରେ ତହିଁର ବିଚାର ଶେଷ ହୋଇଥିବାର ସମ୍ବାଦ ମିଳଇ। ଏ ଦୁର୍ଘଟନା ଗୋଟିଏ ସୈନିକ ରେଲଗାଡ଼ି ଓ ଅନ୍ୟ ଗୋଟିଏ ମାଲ ରେଲଗାଡ଼ି ମଧ୍ୟରେ ଘଟିଥିଲା ଏବଂ ତହିଁରେ ଜଣେ ଲୋକ ନଷ୍ଟ ହୋଇ- ଥିଲା। ବିଚାରରେ ମାଲଗାଡ଼ିର ଗାର୍ଡ଼ ଏବଂ ହେଡ୍ ଗାଡ଼ିର ଲୋକ ପ୍ରତି ଯଥାକ୍ରମେ ଟ ୭୫ ଙ୍କା ଓ ଟ ୧୦୦ ଙ୍କା ଅର୍ଥଦଣ୍ଡ ହୋଇଅଛି।

ଦ୍ୱାରବଙ୍ଗର ମହାରାଜା ପରଲୋକ ଗମନ କରିଥିବାରୁ ତାଙ୍କର ଭାଇ ମହାରାଜା ରମେଶ୍ୱର ସିଂହ ମାନ୍ଦ୍ରାଜ ଗବର୍ଣ୍ଣ- ମେଣ୍ଟକୁ ଦାତବ୍ୟାର୍ଥ ଟ ୫୦୦୦ ଙ୍କା ପ୍ରେରଣ କରିଥିବାର ସମ୍ବାଦ ମିଳଇ।

ଅଲୀପୁର ଫୌଜଦାରୀ ଅଦାଲତରେ ଜଣେ ମୁସଲମାନ ଟଙ୍କା ଦାମ କରି ମିଥ୍ୟା ମୋକଦ୍ଦମାମାନ ଦାଏର କରାଇ ପ୍ରତିପୋଷିତ ହେଉଥିଲା। ତାହାର ଜୀବିକା ନିର୍ବାହର କୌଣସି ବିଶିଷ୍ଟ ଉପାୟ ନ ଥିବାରୁ ମାଜିଷ୍ଟ୍ରେଟ ତାହାଠାରୁ ମା ୭ ସ ସଦାଚରଣର ଜାମିନ ତଲବ କରିଅଛନ୍ତି। ନ ଦେଲେ କଠିନ ପରିଶ୍ରମ ସହିତରେ ମା ୭ ସ କାରାଦଣ୍ଡ ଭୋଗ କରିବ।—ଦୁଷ୍ଟ ଟାଉଟମାନେ ଭୂରିଭୂରି ଦଣ୍ଡର ଯୋଗ୍ୟ ଅଟନ୍ତି।

ବୋମ୍ବାଇଠାରେ ମହାମାରୀ ରୋଗର ଉତ୍ପାତ ଅଦ୍ୟାପି ବନ୍ଦ ହୋଇ ନାହିଁ। ବରଂ ଶୀତକାଳ ସମାଗତ ହେବା ସଙ୍ଗେ ସଙ୍ଗେ ରୋଗୀଙ୍କ ସଂଖ୍ୟା ଏବଂ ମୃତ୍ୟୁର ସଂଖ୍ୟା ବଢ଼ିଅଛି କେବେ ସେ ବୋମ୍ବାଇ ଏ ରୋଗରୁ ମୁକ୍ତ ହେବ ତାହା ଜଗଦୀଶ୍ୱର ଜାଣନ୍ତି।

Split by PDF Splitter

Digitized by srujanika@gmail.com

ଗାର୍ଡ଼ପଠାରେ ଇଂରେଜୀପକ୍ଷରୁ ସର୍ଭେକଲେଜ ସ୍ଥାପିତ ହେବାର ଦେଖି ପର୍ଯ୍ୟନ୍ତ ମଧ୍ୟ ସେଠାରେ ସବୁଦିନ ଶାର ଗୋଷ୍ଠୀ କଲେଜ ଥାଏ କହିବାର ପ୍ରସ୍ତାବ ହଉଅଛନ୍ତି! ମାର୍ଟେଣ୍ଡ ସାହେବଙ୍କ ନାମରେ ସମ୍ବଲପୁରରେ ଗୋଷ୍ଠୀ ସରସ ସ୍କୁଲ ସ୍ଥାପିତ ହେବାର କଳ୍ପନା ହୋଇଅଛି ।

ଅନୁଗୁଳ-ସମ୍ବାଦ ।

ବିଜୟା ଉପଲକ୍ଷେ ଉକ୍ତ ମାସ ତା ୨୪ ଓ ୨୫ ଦିନରେ ଏଠାରେ ବିଶେଷ ଆମୋଦପ୍ରମୋଦ ହୋଇଥିଲା । ପ୍ରଥମତଃ ଏଠାକାର ନୂତନ ସମାଜ (Recreation Club)ର ସଭ୍ୟ ଓ ପୋଲିସ କର୍ମଚାରୀ ମଧ୍ୟରେ ଲଙ୍ଘ ପ୍ରଦାନ, ଦଉଡ଼ିବା ଓ କ୍ରିକେଟ ଖେଳ ହୋଇଥିଲା ଏବଂ ବିଶେଷତଃ ପୂର୍ବୋକ୍ତ ସମାଜର ସଭାପତି ଶ୍ରୀଯୁକ୍ତ ବେଟେଲ ସାହେବଙ୍କ ମହାଶୟରେ ସାଥୀଗଣରେ ବାଡ଼ ଡେଇଁ ଦଉଡ଼ିବା, ଘୋଡ଼ାରେ ଦଉଡ଼ିବା, ଖଣ୍ଡାମଧ୍ୟରେ ପକ୍ଷୀ ଧରିବା, ଦଉଡ଼ି ଟାଣିବା ଏବଂ ଲଙ୍ଘ ପ୍ରଦାନ କରିବାରେ ୧ମ ଓ ୨ୟ ସ୍ଥାନୀୟ ବାଳକଙ୍କୁ ଉଚିତ ପୁରସ୍କାର ଦେଇଥିଲେ । ସ୍କୁଲର ଛାତ୍ର ପରସ୍ପର ମଧ୍ୟ ବଢ଼ି ହୋଇଥିଲା । ସବୁ ଖେଳ ହାତଗଣ ଦେଖିବାକୁ ବଡ଼ କୌତୁହଳଜନକ ହୋଇଥିଲା । ନରସିଂହପୁରର ଦଳ ପ୍ରଥମ ଏବଂ ଦଶପଲ୍ଲାର ଦଳ ୨ୟ ହୋଇଥିଲା । ଏ ସମସ୍ତ କାର୍ଯ୍ୟରେ ଭଦ୍ରଲୋକମାନେ ଯୋଗ ଦେଲେ ପରସ୍ପର ମଧ୍ୟରେ ସହାନୁଭୂତ ଭାବ ବଢ଼ିଥାଏ ।

ପ୍ରେରିତ ପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ—

ମହାଶୟ !

ଜମାପଡ଼ା ସ୍କୁଲ ନିମନ୍ତେ ଯେଉଁ ମହାତ୍ମାମାନେ ଚାନ୍ଦା ପ୍ରଦାନ କରିଥିଲେ ସେମାନଙ୍କର ନାମ ଏଥି ପୂର୍ବେ ଭବଦୀୟ ଜଗଦ୍ବିଖ୍ୟାତ ପତ୍ରିକାରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ପ୍ରାର୍ଥନା କରୁଅଛୁଁ ଯେ ନିମ୍ନଲିଖିତ ଦୟାମୟ ଚାନ୍ଦାପ୍ରଦାୟକ ମହୋଦୟମାନଙ୍କ ନାମ ପ୍ରକାଶ କରି ଚିରବାଧିତ କରିବା ହେବେ ।

ଶ୍ରୀମାନ୍ ଘୁଷୁରି, ଏମ୍, ଡି, ନାରାୟଣଦେବ
ଶର୍ମ୍ମା ଟ ୨୫ ୯

ଶ୍ରୀଯୁକ୍ତ ରାୟ ହରେନ୍ଦ୍ର ନାରାୟଣ ମହାଶୟ
ଏମ୍, ଏ, ଜମିଦାର ଲକ୍ଷ୍ମଣନାଥ ଟ ୮ ୯

ଶ୍ରୀମାନ୍ ମହାରାଜା, ରଣପୁର ଟ ୧୦ ୯
„ „ ମୟୂରଭଞ୍ଜ ଟ ୫ ୯

ଶ୍ରୀଯୁକ୍ତ ଦେଓ୍ୱାନ ବାବୁ ଗୋବର୍ଦ୍ଧନ
ଘୋଷାଲ ହିନ୍ଦୋଳ ଟ ୫ ୯

„ ବାବୁ ବାସୁଦେବ ଶ୍ରୀଚନ୍ଦନ ମହାପାତ୍ର ଟ ୫ ୯

ମୋଟ ଟ ୫୮ ୯

ଅବଶେଷରେ ଜଣାଉଅଛୁଁ ଯେ ପୁରୀ ଡି: ବୋର୍ଡ଼ ବର୍ତ୍ତମାନ ସ୍କୁଲଟିକୁ ସମ୍ପୂର୍ଣ୍ଣ ସାହାଯ୍ୟ ପ୍ରଦାନ କରି ସ୍ଥାନୀୟ ଲୋକମାନଙ୍କର ମହୋପକାର ସାଧନ କରଅଛନ୍ତି ମାତ୍ର ଅର୍ଥାଭାବରୁ ସ୍କୁଲ ଗୃହଟି ଅଦ୍ୟାବଧି ପୁନର୍ନିର୍ମିତ ହୋଇ ପାରି ନାହିଁ । ଆମ୍ଭେମାନେ ବର୍ତ୍ତମାନ ଦେଖୁଅଛୁଁ ଯେ ଏଥି ନିମନ୍ତେ ଅନ୍ୟୁନ ଟ ୫୦୦ ୯ ଙ୍କା ଆବଶ୍ୟକ ହେବ । ଅତଏବ ବିନୀତ ପ୍ରାର୍ଥନା ଏହି ଯେ ଯେଉଁ ମହାତ୍ମାମାନଙ୍କ ନିକଟକୁ ଆବେଦନପତ୍ର ପ୍ରେରଣ କରାଯାଉଅଛି ସେମାନେ ଅନୁଗ୍ରହ ପୂର୍ବକ କିଛି୨ ଅର୍ଥ ପ୍ରଦାନ କଲେ ଆମ୍ଭେମାନେ ସ୍କୁଲ ଗୃହଟି ପୁନଃ ନିର୍ମାଣ କରିବାକୁ ସକ୍ଷମ ହେବୁଁ ଏବଂ ଉକ୍ତ ମହାତ୍ମାମାନଙ୍କ ନାମ ଆମ୍ଭମାନଙ୍କର ଏବଂ ଆମ୍ଭମାନଙ୍କ ସନ୍ତାନ ସନ୍ତତିମାନଙ୍କ ମନରେ ଚିର ସ୍ମରଣୀୟ ହୋଇ ରହିବ । ଆମ୍ଭମାନଙ୍କ ଦୟନୀୟ ଅବସ୍ଥାରେ ପଡ଼ିବାର ଦେଖି ଯେଉଁ ସଦାଶୟ ମହାତ୍ମାମାନେ ସହାନୁଭୂତି ପ୍ରକାଶ କରଅଛନ୍ତି ସେମାନଙ୍କୁ ଶତ ୨ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଈଶ୍ୱର ସେମାନଙ୍କୁ ସୁଦୀର୍ଘଜୀବୀ କରନ୍ତୁ !

୨୧।୧୦।୯୮ ଜମାପଡ଼ା } ବଶମ୍ବଦ ଶ୍ରୀ ବାସୁଦେବ ମହାନ୍ତି ସମ୍ପାଦକ, ସ୍କୁଲ କମିଟୀ ସଭା

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀମଦନମୋହନ ସିଂହ କଟକପୁର | ଟ ୩ |
| „ ଚନ୍ଦ୍ରାମଣି ଚନ୍ଦ୍ରାତ ପ୍ୟାରୀସାହି | ଟ ୨ |
| „ ମଧୁସୂଦନ ମହାନ୍ତି ଲକ୍ଷ୍ମୀସାହି | ଟ ୧ |

ବିଜ୍ଞାପନ ।

ହୋମିଓପାଥିକ ଔଷଧ ଡ୍ରାମ ଟ ୦ /୫, ଟ ୦ /୧୦ ପଇସା ଏମ୍ ଭି ମଜୁମଦାର ଏଣ୍ଡ କୋଂ ନ ୨୫୨ ମଲ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ନର୍ମ୍ମ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଚିକିତ୍ସା ପୁସ୍ତକ ଓ ନାନାବିଧ ଦ୍ରବ୍ୟ ଦର ମୂଲ୍ୟ ମଧ୍ୟ ଅତି ସୁଲଭ । କଲେଜ ବାବସ ପୁସ୍ତକ କାର୍ଯ୍ୟାର ଡ୍ରପାର ସହ ୧୨, ୨୪, ୩୦, ୪୮ ବୋତଲ ୨, ୩, ୪।୦, ୫। ଗୃହ ଚିକିତ୍ସାର ବାକ୍ସ ୧୨, ୨୪, ୩, ୪୮, ୬୦, ୭୨ ୧୦୪ ବୋତଲ ୨।୩ ୩।୦, ୫।, ୬, ୭, ୧୧ ।

ବେତାଳପଞ୍ଚବିଂଶତି ବର୍ତ୍ତମାନ ପୁନର୍ବାର ଚତୁର୍ଦ୍ଦଶାକ୍ଷରୀ ଛନ୍ଦରେ ପଦ୍ୟରେ ମୁଦ୍ରିତ ହୋଇ ପ୍ରେଣ୍ଟିସମ୍ପାଦିତ ପ୍ରେସ୍‌ରେ ବିକ୍ରୟ

ହେଉଅଛି । ଏହା ଏମନ୍ତ ସରଳ ହୋଇଅଛି ଯେ ଆ ବାଳକା ଓ ସ୍ତ୍ରୀ ପୁରୁଷ ପାଠ ବୁଝି ପାରିବେ । ପାଠକ ଜାଣିବେ । ବିଶେଷ ପରିଚୟ ନିଷ୍ପ୍ରୟୋଜନ ଅଟେ । ଏଥିର ମୂଲ୍ୟ ମୋଫସଲ ପାଇଁ ଡାକମାଶୁଲ ଅଭିନ୍ନ ମଫସଲ ପାଇଁ ମୂଲ୍ୟ ଗ୍ରାହକର ପାଇଁ ମଫସଲ ନିମନ୍ତେ ଡାକମାଶୁଲ

ଶ୍ରୀ ଦୁର୍ଗାଚରଣ ଶାରଳାଦାସଙ୍କର ଅନୁ ସଚିତ୍ର ।

ମହାଭାରତ ।

ଏହା ଓଡ଼ିଶାବାସୀଙ୍କର ଅପରିଚିତ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେବାରୁ ଏହାର ଆଦର ସେମନ୍ତ ଅଧିକ ପ୍ରାପ୍ତିର ଅଭାବ ତଦୋଚିତ ଅତଏବ ପୁସ୍ତକ ଏହା ଏଥିର ମୁଦ୍ରାଙ୍କନ ବିଷୟରେ ବିକ୍ରୟ ହୋଇଅଛନ୍ତି ଅଳ୍ପରେ ଉକ୍ତ ପୂରଣ ହେବାର ସମ୍ଭବ ।

ଏହା ଅଦ୍ଭୁତ ବୃହତ୍ ଗ୍ରନ୍ଥ ସୁଲଭ କରିବାରେ ତ୍ରୁଟି ହେଉ ନାହିଁ । ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ହେବ । ଇଚ୍ଛା କଲେ ମୂଲ୍ୟ ତାହାରକ ବାଧ୍ୟ ନାହିଁ । ବର୍ତ୍ତମାନ ଶଲ୍ୟ, ଗଦା, କାର୍ତ୍ତିକା, ଶାନ୍ତି ଓ ଆଶ୍ରମିକ ଓ ଅଶ୍ୱମେଧ ପର୍ବ ମୂଷଳୀ ଓ ସ୍ୱର୍ଗାରୋହଣ ପର୍ବ, ସ୍ୱପ୍ନପର୍ବ ଛପା ହୋଇ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| | | ଡାକମାଶୁଲ | ଟ ୦୯ |
| କର୍ଣ୍ଣପର୍ବ | ଟ ୦।୬ | | ଟ ୦୯ |
| ଶଲ୍ୟପର୍ବ | ଟ ୦।୩ | „ | |
| ଗଦାପର୍ବ | ଟ ୦। | ଡାକମାଶୁଲ | ଟ ୦ |
| କାର୍ତ୍ତିକାପର୍ବ | ଟ ୦। | „ | ଟ ୦ |
| ନାରୀ ଓ ଶାନ୍ତିପର୍ବ | ଟ ୦।୩ | „ | ଟ ୦୯ |
| ଆଶ୍ରମିକ ପର୍ବ ଓ ଅଶ୍ୱମେଧ ପର୍ବ | ଟ ୦୧ | „ | ଟ ୦୯ |
| ମୂଷଳୀ ପର୍ବ | ଟ ୦।୬ | „ | ଟ ୦୯ |
| ସ୍ୱର୍ଗାରୋହଣ ପର୍ବ | ଟ ୦। | „ | ଟ ୦ |
| ସ୍ୱପ୍ନପର୍ବ | ଟ ୧। | „ | ଟ ୦ |

ଉଦ୍‌ଯୋଗ ଓ ଦ୍ରୋଣପର୍ବ ଛପା ହେଉଅଛି ।

## NOTICE.

The Oriya Arithmetic by Mrs. B. Rae can be had on application to Miss H. K. Leigh Cuttack and The Revd. George Member B. A. Balasore.

### ବିଜ୍ଞାପନ ।

ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଶ୍ରୀଯୁକ୍ତ କବି ଯଦୁମଣି ମହାପାତ୍ରଙ୍କ ବିରଚିତ "ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର" ଅର୍ଥସହିତ ମୁଦ୍ରିତ ହୋଇ ... କ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ଓ ... କଟକରେ ଏକଟଙ୍କା ମୂଲ୍ୟରେ ବିକ୍ରୟ ... ହେଉଅଛି । ଇତି ।

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର
ହେଃ ପଣ୍ଡିତ ନୟାଗଡ଼ ସ୍କୁଲ
ନୟାଗଡ଼ ପୋଃ ଅଃ

### ବିଜ୍ଞାପନ ।

ଓଡ଼ିଶା ସ୍କୁଲସମୂହର ଇନସ୍ପେକ୍ଟର ରାୟ ... ଧାନାଥ ରାୟ ବାହାଦୁରଙ୍କ ପ୍ରଣୀତ "ବ୍ୟାକରଣ ... ରିତମ୍" ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରା- ... ଳୟରେ ଛପା ହେଉଅଛି । ଅଳ୍ପଦିନରେ ... ହାରିତ ।

ନୂତନ ପୁସ୍ତକ ।

### ଶ୍ରୀମଦ୍ ଭଗବଦ୍ ଗୀତା ।

( ଟୀକାଯୁ ସଂସ୍କରଣ )

ପୂର୍ବଠାରୁ ଅଧିକ ଟୀକା ସନ୍ନିବିଷ୍ଟ ହୋଇ ... କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ... ସ୍ତୁତ ଅଛି । ମୂଲ୍ୟ ପୂର୍ବପ୍ରାୟ ଅଠଅଣା । ଡାକ- ... ମାସୁଲ ପ୍ରତି ଖଣ୍ଡକୁ ଦୁଇପଇସା ।

## ଆୟୁର୍ବେଦୀୟ ଔଷଧାଳୟ ।

### ପ୍ରମେହସୁଧା ନାମରେ ଅତି ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ... ମୂତ୍ରମେହ (ଗନରିଆ) ଜାତୀୟ ଭଲ୍ୟ ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଅଶ୍ୱଗନ୍ଧାପୂର୍ବ ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୵,
ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ ।

—※—

## ଅମୃତାଦିକଷାୟ ବା ଦେଶୀୟ ସାଲସା ।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇ ଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ୍ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରେକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପ- ଦଂଶଜନିତ କ୍ଷତ, ନାନା ଅନ୍ୟବିଧ ଦୂଷିତ କ୍ଷତ, ଗଳିତରକ୍ତ, ଆମବାତ, କଣ୍ଠେଟକ, ଗାତ୍ରକଣ୍ଡୁ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସତ୍ୟମ୍ ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ ୯ ।

———

### ଚନ୍ଦ୍ରୋଦୟ ମକରଧ୍ୱଜ ରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ସ୍ନାୟବିକ ଦୌର୍ବଲ୍ୟ, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନ- ଦୋଷ, ସ୍ୱପ୍ନଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନ- ଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵ ଡାକମାସୁଲ ଟ ୦ ୨ ।

———

### ସ୍ୱପ୍ନସୁଧା ।

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରେକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥା- ବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଓ ଅଳ୍ପ ଦୂର ପ୍ରସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ । ।

———

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତେଲ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ । ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ଜଗନ୍ନାଥ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

### ନୂତନ ପୁସ୍ତକ ।

## ସାକାର ଓ ନିରାକାରତତ୍ତ୍ୱ ବିଚାର

ଶ୍ରୀ ଯଜ୍ଞେଶ୍ୱର ମଜୁମଦାର ବି, ଏ, ପ୍ରଣୀତ
ମୂଲ୍ୟ ଟ ୧୮ ଡାକମାସୁଲ ଟ ୦ ।

ଏହି ହିନ୍ଦୁଧର୍ମ ସମ୍ବନ୍ଧୀୟ ପୁସ୍ତକ ବିଷୟରେ ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁର ସ୍କୁଲ ସମୂହର ଇନସ୍ପେକ୍ଟର କହନ୍ତି "ଆପଣଙ୍କର ସାକାର ଓ ନିରାକାରତତ୍ତ୍ୱ ବିଚାର" ପାଠ କରି ଅମ୍ଭେ ଯେରୂପ ପ୍ରୀତିଲାଭ କରିଅଛୁଁ ତାହା ଭାଷା- ରେ ବ୍ୟକ୍ତ ହେବାର ନୁହେଁ । ପାଣ୍ଡିତ୍ୟ ଏବଂ ଯୁକ୍ତି କୌଶଳରେ ଏ ପୁସ୍ତକ ଖଣ୍ଡିକୁ ବଙ୍ଗ- ଭାଷାର ଗୌରବ ସ୍ୱରୂପ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏହା କେବଳ ବଙ୍ଗାଳୀର ସମ୍ପତ୍ତି ନୁହେଁ ଭାରତୀୟ ପ୍ରତ୍ୟେକ ହିନ୍ଦୁଙ୍କର ସମ୍ପତ୍ତି । ଅମ୍ଭେ ଆଶା କରୁଁ ଏହା ପ୍ରତ୍ୟେକ ଭାରତୀୟ ଭାଷାରେ ଅନୁବାଦିତ ହୋଇ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥଙ୍କର ଗୃହ ଭୂଷଣ ହେବ ।" କଟକ କଲେଜର ପ୍ରିନ୍ସିପାଲ ଶ୍ରୀଯୁକ୍ତ ନୀଳକଣ୍ଠ ମଜୁମଦାର ଏମ୍, ଏ, କହନ୍ତି "ଆପଣ ଆପଣଙ୍କର ପୁସ୍ତକ ରଚନା କରି ଅମ୍ଭର ଓ ହିନ୍ଦୁସମାଜର ଧନ୍ୟବାଦାର୍ହ ହୋଇଅଛନ୍ତି ।"

କଟକର ଡେପୁଟୀ କଲେକ୍ଟର ଗ୍ରନ୍ଥକାରଙ୍କ ନିକଟରେ ଓ ଉତ୍କଳ ଦୀପିକା କାର୍ଯ୍ୟାଳୟରେ ପ୍ରାପ୍ତବ୍ୟ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଇଣ୍ଟ୍ରାନ୍‌ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ, ଏବଂ ଉହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

# S. BASACK & Co.

No. 200 Harrison Road Bara Bazar

CALCUTTA.

"THE UNIVERSAL AGENCY"

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତ ପ୍ରକାର ମନୋହର ଦ୍ରବ୍ୟ—ଅତର, ଗୋଲାପ, ଏସେନ୍ସ ଜାର୍ମାନୀଙ୍କର ଉତ୍କୃଷ୍ଟ କେଶବର୍ଦ୍ଧନକାରୀ ସୁଗନ୍ଧ ତୈଳ, କେଶ ବ୍ୟବହାର୍ଯ୍ୟ ତୈଳ ଓ ସାବାନ, ସୁବାସିତ ନାଲର କଲ, ଛତା, ପକେଟଘଡ଼ୀ, ଟାଇମପୀସ, ବନ୍ଧୁକ ସୁନ୍ଦର ଜହର, ଫଣ୍ଟ ଅଙ୍ଗୁଷ୍ଟ, ହିଲମୋହର, ରବରଷ୍ଟାମ୍ପ ନାନାବିଧ ପକେଟ ଲେମ୍ପ, ବରଫ ଜମାଇବାର କଲ, ଦେଶୀ ସୋଡ଼ା ଓ ଲେମନେଡ଼ର କଲ ଯାଲକୁଣ୍ଡି ବାର ବଳ ବାଢ଼ି ଛିଣ୍ଡ ଲଗାଇବାର କଲ, ପକେଟ ଛୁରୀ, ଘୋଡ଼ା ସୋଲପଥର ବ୍ରସ, ଅର୍ଥାତ୍ ଦୁଷ୍କନଖି, କୁହା, କଣ୍ଟା ଇତ୍ୟାଦି) ନାନାପ୍ରକାରର ପରିଧାନଯୋଗ୍ୟ ଦେଶୀ ଓ ବିଲାତୀ ଧୋତି; ଶାଢ଼ୀ, ମଲମଲ, ଚଦର, ମୋଜା, ଗଞ୍ଜିଫଲ୍ଲକ, ଅଙ୍ଗରଖା, କୋଟ, ରେସମୀବସ୍ତ୍ର ଓ ପାରସୀ ଶାଢ଼ୀ, ସୁନ୍ଦର ବେସିଲଗୀ ରେସମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତୀ ଛବି, ସରିଷା—ମେଥି, ଜୀରା, ଅଲମାରି—ସ୍ତନେଲ ରଙ୍ଗ, ହୋମିଓପ୍ୟାଥିକ, ଦୁଃସାଧ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସବୁବେଳେ ଆମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏକଥାରେ ଯେଉଁ ଜିନିଷର ଫରମାସ କରିବ ତାହା ଶୀଘ୍ର ସୁବିଧାଦରରେ ପଠାଇ ଦେବୁ ।

ଆମ୍ଭେମାନେ ସହର ଓ ମୋଫସଲ ନିବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଆମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁ । ପ୍ରାୟ ସମସ୍ତ ଜିନିଷ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆମେରିକା ପ୍ରଭୃତି ସ୍ଥାନରୁ ଆଣି ସୁବିଧାଦରରେ ବିକ୍ରୟ କରୁଥିବାରୁ ବ୍ୟବସାୟୀମାନେ ଏକଥରରେ ଅନେକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ ବଜାରଦର ଉପରେ ଶତକଡ଼ା କମିଶନ କଟିଣ କରି ଶୀଘ୍ର ମାଲ୍ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଆମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ ମୋଫସଲବାସୀମାନେ ଫରମାସ ସଙ୍ଗରେ ଅଗ୍ରୀମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ୍ ପଠାଯିବ କୌଣସିଦ୍ରବ୍ୟ ପସନ୍ଦ ନ ହେଲେ ଫେରାଇ ନେବାକୁ ସ୍ୱୀକୃତ ଅଛୁଁ ।

## ଏସ, ବସାକ କମ୍ପାନୀ

ଜେନେରଲ ମରଚେଣ୍ଟ ଓ କମିଶନ ଏଜେଣ୍ଟ
ନଂ ୨୦୦ ନମ୍ବର ହାରିସନ ରୋଡ଼ ବଡ଼ବଜାର
କଲିକତା

## ଦୀର୍ଘକାଳର ପରୀକ୍ଷିତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଶୀଘ୍ର ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖା ଯାଇ ନାହିଁ ।

ମୂଲ୍ୟ ପ୍ରତିଡ଼ବା ୧୦ ଚାରି ଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚ ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା, ଇତି ।

ଏହି ଔଷଧର ବିଶେଷ ଗୁଣ ଏହିକି ଯେ, ଲ୍ୟାବା ଘର୍ଷଣରେ କେବଳ ଦୁଇ ତିନି ଦିନ ମଧ୍ୟରେ ଯେତେ କଠିନ ଅସାଧ୍ୟ ଦଦ୍ରୁ ରୋଗ ହେଉ ନା କାହିଁକି, ଫଳ ନ ଦେଖାଇ ରହିବ ନାହିଁ । ଏହେତୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହସ କରି କହି ଯାଉଅଛି; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ ଏଥି ଭିତରେ କାହିଁ କିଛି ଅପେକ୍ଷା ଉପକାରର ସମ୍ଭାବନା ଅଛି । ଶତଶତ ବ୍ୟକ୍ତି ଏଥିରେ ରୋଗମୁକ୍ତ ହୋଇ ସ ଇଚ୍ଛାରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ।

କଟକର ଗ୍ରାହକମାନଙ୍କ ସୁବିଧାର୍ଥ କଟକ ପ୍ରିଣ୍ଟିଂକମ୍ପାନୀ ପ୍ରେସରେ ଏହି ଔଷଧ ପ୍ରଚୁରପରିମାଣ ବିକ୍ରୟ ନିମନ୍ତେ ରହିଅଛି । ସେହିଠାରୁ ଅନାୟାସରେ ଏ ଔଷଧ କିଣି ନେଇ ପାରିବେ

## ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଆମ୍ଭଙ୍କୁ ଆପଣାର ନାମ, ଧାମ ଡାକଘର ଜିଲ୍ଲା ଏବଂ ଔଷଧ କେତେ ଡବା ନେବେ ଏମାନ ରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ଶ୍ରୀ ଶ୍ୟାମଚାନ୍ଦ୍ର ...
ଦେଶ ଭ୍ରାତ୍ରେସ ବାଲେଶ୍ୱର ।



ହିଲଟରକେଶ ମୂଲ୍ୟ ଟ ୮୬୯

ଗ୍ରାହକେ କଲିକତା ଗ୍ରାହକରେ ଏଠାରେ ପାଇ ପାରିବେ ଏତଦ୍ଭିନ୍ନ ନାନାପ୍ରକାର ଓ ... ଆମ୍ଭ ଦୋକାନରେ କଲିକତା ଠାରୁ ... ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ... ଦୋକାନରେ ଉପସ୍ଥିତ ହେଲେ ସମସ୍ତ ଜିନିଷ ... ପାଇବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଡେଲ୍ୟୁ ... ଲ୍‌ରେ ପାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ...

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ... ନିମ୍ନଲିଖିତ ରୂପେ ଧାର୍ଯ୍ୟ କରାଯାଇ, ଯଥା—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ୧୦ ୩ |
| ଅଧସ୍ତମ୍ଭ | ୫ ୫୦ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୭ ... |

ମାତ୍ର କୌଣସି ବିଜ୍ଞାପନ ଛୋଟ ... ହେଲେ ... ଏକା ୧୦ ରୁ ... ନେଇ ...

ଦ୍ୱିତୀୟ ଓ ତୃତୀୟଥର ... ...

ଅଧିକ ହେବ ଓ ... ଲିଆଯିବ ହେବ ।

ଅଧିକ ଦିନର ... ...

ଜୋଇଦେବ

... ...

କରାଯିବ ।

ଏହି ଉତ୍କଳଦୀପିକା ସହର କଟକ ... ... ... ସମ୍ପାଦନରେ ... ...

Digitized by srujanika@gmail.com